# ନୂଆରୂପ ପାଇବ ଚୁରା ପାହାଡ଼

ଭବାନୀପାଟଣା,୩।୧(ଉତ୍ତମ କୁମାର ଦାଶ)


ଅନନ୍ୟ ପର୍ଯ୍ୟଟନସ୍ଥଳୀ ଚୁରା ପାହାଡ଼ ।

ରାଜ୍ୟ ସରକାରଙ୍କ ଉଦ୍ୟମରେ ନୂଆ ରୂପ ପାଇବ ଐତିହାସିକ କିମ୍ବଦନ୍ତୀ ବହନ କରୁଥିବା କଳାହାଣ୍ଡି ଜିଲାର ଅନନ୍ୟ ପର୍ଯ୍ୟଟନସ୍ଥଳୀ ଚୁରା ପାହାଡ ଓ ଏଥିରେ ଥିବା ଗଦଲା ଝରଣା। ଜିଲାର ଜୁନାଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗୋଲାମୁଣ୍ଡା ବ୍ଲକରେ ରହିଛି ଚୁରା ପାହାଡ଼ ଓ ସଂରକ୍ଷିତ ଜଙ୍ଗଲ। ଏହାର ସବୁଜ ବନାନୀ ଚିରହରିତ ଜଙ୍ଗଲ ମଧ୍ୟରେ ରହିଛି ଅନନ୍ୟ ଶୈବ ପୀଠ ବାବା ଧବଳେଶ୍ୱର। ପବିତ୍ର ଶ୍ରାବଣ ମାସ ସାଙ୍ଗକୁ ବର୍ଷର ବିଭିନ୍ନ ସମୟରେ ଏହି ପର୍ଯ୍ୟଟନସ୍ଥଳୀରେ ପର୍ଯ୍ୟଟକଙ୍କ ଭିଡ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ଅଣ୍ଟା ଭିଡିଛନ୍ତି ରାଜ୍ୟ ସରକାର ଓ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ। ଏଥିପାଇଁ ଏକ କୋଟି ଓ ଅନ୍ୟାନ୍ୟ ଯୋଜନାରୁ ୫୦ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି। ଗତ କିଛି ଦିନ ପୂର୍ବେ ଚୁରା ପାହାଡ଼କୁ ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ ଅସିତ ତ୍ରିପାଠୀ ପରିଦର୍ଶନରେ ଆସି ଏହାର ସୌନ୍ଦର୍ଯ୍ୟ ଓ ଭିତ୍ତିଭୂମି ବୁଲି ଦେଖିଥିଲେ। ପୌରାଣିକ କିମ୍ବଦନ୍ତୀ ବହନ କରୁଥିବା ଏହି ପର୍ଯ୍ୟଟନସ୍ଥଳ ମଧ୍ୟରେ ରହିଛି ଦୁଇଟି ଶୈବପୀଠ, ଝରଣା, ସୀତା କୁଣ୍ଡ ସାଙ୍ଗକୁ ଅନନ୍ୟ ସରୋବର ଓ ପାହାଡ ଗୁମ୍ଫା। ପୂର୍ବରୁ ଏହି ଦର୍ଶନୀୟ ସ୍ଥାନକୁ ଯିବା ପାଇଁ ଭଲ ରାସ୍ତା ନ ଥିଲା। ଏବେ ରାଜ୍ୟ ସରକାରଙ୍କ ତରଫରୁ ରାସ୍ତା, ବିଜୁଳି ଓ ପାନୀୟ ଜଳର ବ୍ୟବସ୍ଥା ହୋଇଥିବା ଯୋଗୁ ଯାତ୍ରୀଙ୍କ ଭିଡ ଦେଖିବାକୁ ମିଳିଛି। ଦିନ ଥିଲା ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇ ନ ଥିବା ଏହି ପର୍ଯ୍ୟଟନସ୍ଥଳ ଏବେ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଛି। ଆଉ ଏବେ ଏଠି ରାଜ୍ୟ ସରକାରଙ୍କ ଉଦ୍ୟମରେ ସୁନ୍ଦର ମନ୍ଦିର ପାର୍କ, ପର୍ଯ୍ୟଟକଙ୍କ ପାଇଁ ପାନ୍ଥ ନିବାସ ନିର୍ମାଣ ହେବ ଯାହାକି ଆଗାମୀ ଦିନରେ ରାଜ୍ୟ ତଥା ରାଜ୍ୟ ବାହାର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ। ଏହାର ପାରିପାର୍ଶ୍ୱିକ ଅଞ୍ଚଳରେ ଉନ୍ନତି ହେଲେ ନୂଆ ରୂପ ପାଇବ ଚୁରା ପାହାଡ଼।

**ବଲାଡ଼ିରେ ଶୋକାକୁଳ ପରିବେଶ**

# ଏକାଠି ଜଳିଲା ବାପ ପୁଅଙ୍କ ଜୁଇ

ସୋନପୁର,୩।୧(ମୃତ୍ୟୁଞ୍ଜୟ ଶତପଥୀ)


ମୃତ ରାଜକୁମାର ଓ ଓମ୍‌ପ୍ରୀତ୍‌ଙ୍କ ଫାଇଲ ଫଟୋ।

ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକ ବଲାଡ଼ି ଗାଁରେ ଶୋକର ଛାୟା ଖେଳିଯାଇଛି। ଗାଁ ଗୌନ୍ତିଆ ରାଜକୁମାର ମହାକୁର(୪୭) ଓ ତାଙ୍କ ପୁଅ ଓମ୍‌ପ୍ରୀତ୍(୧୭)ଙ୍କ ଅକାଳ ବିୟୋଗ ନେଇ ଗ୍ରାମବାସୀ ସ୍ତବ୍ଧ ହୋଇଯାଇଛନ୍ତି। ସ୍ୱାମୀ ଓ ପୁଅଙ୍କୁ ହରାଇ ମଧୁସ୍ମିତା ମଝିରେ ମଝିରେ ଚେତାଶୂନ୍ୟ ହୋଇଯାଉଛନ୍ତି। ମଙ୍ଗଳବାର ରାତି ୩ ଟାରେ ଗାଁ ଶ୍ମଶାନରେ ବାପ ପୁଅଙ୍କ ଜୁଇ ଏକାଠି ଜଳିଛି। ମା' ବିଦ୍ୟୁତ୍ ପ୍ରଭା ମହାକୁର(୭୫) ଓ ବାପା ବୃନ୍ଦାବନ(୮୦)ଙ୍କ ସମ୍ମୁଖରେ ପୁଅ ରାଜକୁମାର ଓ ନାତି ଓମ୍‌ପ୍ରୀତ୍‌ଙ୍କ ଅନ୍ତିମ ସଂସ୍କାର କରାଯିବା ଏକ ଶୋକାକୁଳ ପରିବେଶ ସୃଷ୍ଟି କରିଥିଲା। ରାଜକୁମାର ଦେଉଳପଦର କୃଷ୍ଣମୋହନ କମ୍ପ ହାଇସ୍କୁଲରେ ଶିକ୍ଷକତା କରୁଥିବା ବେଳେ ଓମ୍‌ପ୍ରୀତ୍ ସୋନପୁର କେନ୍ଦ୍ରୀୟ ବିଦ୍ୟାଳୟର ଏକାଦଶ ଶ୍ରେଣୀରେ ପାଠ ପଢୁଥିଲେ। ଉଭୟଙ୍କ ପରଲୋକରେ ବଲାଡ଼ି ପଞ୍ଚାୟତ କାର୍ଯ୍ୟାଳୟରେ ବୁଧବାର ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସରପଞ୍ଚ ରାଜୁ କୁମ୍ଭାର, ପ୍ରାକ୍ତନ ସରପଞ୍ଚ ଦାରା ସିଂ କୁମ୍ଭାର, ପଞ୍ଚାୟତ ନିର୍ବାହୀ ଅଧିକାରୀ ଯଶୋବନ୍ତ ଦଳବେହେରା, ପଞ୍ଚାୟତର ୱାର୍ଡ ସଭ୍ୟାସଭ୍ୟ ପ୍ରମୁଖ ଯୋଗଦାନ କରି ନୀରବ ପ୍ରାର୍ଥନା କରିଥିଲେ। ସୂଚନାଯୋଗ୍ୟ, ମଙ୍ଗଳବାର ରାତି ୭ଟାରେ ସୁବର୍ଣ୍ଣପୁର ସହରର ଜନଗହଳି ବ୍ଲକ ଛକରେ ଏକ ହାଇୱା ଧକ୍କାରେ ବାପ ପୁଅଙ୍କ ମୃତ୍ୟୁ ହୋଇଥିଲା। ପୁଅର ଟିଉସନ ସରିବା ପରେ ରାଜକୁମାର ତାଙ୍କୁ ଧରି ଏକ ସ୍କୁଟିରେ ବୁଢ଼ାରାଜା ପଟୁ ବ୍ଲକ ଛକସ୍ଥିତ କ୍ଲଷ୍ଟର କଲୋନୀକୁ ଯାଉଥିଲେ। ଏହି ସମୟରେ ମହାନଦୀ ପଟୁ ପଟାଭାଡି ଅଭିମୁଖେ ଯାଉଥିବା ହାଇୱା (ନଂ ଓଡି୩୧ଏଲ-୩୧୮୦)ଉକ୍ତ ସ୍କୁଟି ଉପରେ ଚଢି ଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ଉଭୟଙ୍କ ମୃତ୍ୟୁ ହୋଇଥିଲା।








































































## ସଂକ୍ଷେପରେ

### ୫ରେ ନୂଆପଡ଼ା ବନ୍ଦ ଡାକରା ନେଇ ପ୍ରସ୍ତୁତି ବୈଠକ

ସିନାପାଲି,୩।୧(ମନଫୁଲ ମେହେର)

ନୂଆପଡା ଜିଲାରେ ଧାନ କିଣାରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ କରି ଆସନ୍ତା ୫ତାରିଖ ଭାଜପା ପକ୍ଷରୁ ନୂଆପଡା ଜିଲା ବନ୍ଦ ଡାକରା ଦିଆଯାଇଛି। ଏନେଇ ବୁଧବାର ସିନାପାଲି ପଞ୍ଚାୟତ ସମିତି ବିଶ୍ରାମ ଗୃହଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଧାନ ସଂଗ୍ରହରେ ମହା ଦୁର୍ନୀତି ହେଉଥିବା ବେଳେ ତା'ର ସିବିଆଇ ତଦନ୍ତ ହେଉ ବୋଲି ଦାବି କରିବା ସହିତ ନୂଆପଡ଼ା ଜିଲା ବନ୍ଦକୁ କିଭଳି ସଫଳ କରାଯାଇପାରିବ, ସେନେଇ ବିଶେଷ ଆଲୋଚନା କରାଯାଇଥିଲା। ଉକ୍ତ ବୈଠକରେ ଭାଜପା ଜିଲା ସଭାପତି ସୁବ୍ରତ କୁମାର ଠାକୁରଙ୍କ ସମେତ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିବ ପ୍ରସାଦ ମୁଣ୍ଡ, ପୂର୍ବତନ ଜିଲା ପରିଷଦ ସଦସ୍ୟ ପ୍ରିୟରଞ୍ଜନ ମେହେର, ମଣ୍ଡଳ ସଭାପତି ପ୍ରତାପ ମେହେର, ମାର୍କଣ୍ଡ ଗହୀର, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଡା. ଅରିଗଞ୍ଜନ ଯୋଶୀ, କୃଷକ ମୋର୍ଚ୍ଚା ସଭାପତି ବଳଭଦ୍ର ଧାକଡ଼, ମଣ୍ଡଳ ସମ୍ପାଦକ କୁମ୍ଭ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

### ୫ରେ ଜୁନାଗଡ଼ରେ ସିପିଆଇର ରାଜ୍ୟପରିଷଦ ବୈଠକ

ଜୁନାଗଡ଼,୩।୧(ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ ସହରସ୍ଥିତ ମୋନାର୍କ ପ୍ଲେସଠାରେ ବୁଧବାର ଅପରାହ୍ନରେ ରାଜ୍ୟ ପରିଷଦ ବୈଠକ ପାଇଁ ସିପିଆଇ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୫ ରୁ ୭ ତିନି ଦିନ ଧରି ଜୁନାଗଡ଼ ସହର ମୋନାର୍କ ପ୍ଲେସଠାରେ ସିପିଆଇର ରାଜ୍ୟ ପରିଷଦ ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ଏହି ବୈଠକରେ ଜାତୀୟ ସମ୍ପାଦକ, ଜାତୀୟ ପରିଷଦ ସଦସ୍ୟ,ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ, ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ଓ ରାଜ୍ୟ ପରିଷଦ ସଦସ୍ୟ ଯୋଗ ଦେବେ। ସେହିପରି ବୈଠକରେ ସାମ୍ପ୍ରତିକ ଜାତୀୟ, ରାଜ୍ୟ ଓ ଜିଲାର ରାଜନୈତିକ ଓ ଅର୍ଥନୈତିକ ପରିସ୍ଥିତି ସମ୍ପର୍କରେ ଆଲୋଚନା କରାଯିବ ବୋଲି ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ସିପିଆଇର ରାଜ୍ୟ ସମ୍ପାଦକ ଅଭୟ କୁମାର ସାହୁ, ଜୟନ୍ତ ଦାଶ, ବରିଷ୍ଠ ନେତା ଦାମୋଦର ବେହେରା, ପୂର୍ବତନ ଜିଲା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଜିଲା ସମ୍ପାଦକ ଅକ୍ଷୟ ମେହେର, ଜିଲା ସହ ସମ୍ପାଦକ ଜଗଦୀଶ ଦୁର୍ଗା, ସଞ୍ଜୟ ସୁନାନୀ ପ୍ରମୁଖ ଯୋଗଦେଇଥିଲେ। ସେମାନେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ ବର୍ଷିଥିଲେ। ଜଳ, ଜମି, ଜଙ୍ଗଲକୁ ଶିଳ୍ପ ହାତରେ ଟେକି ଦେବା, ଦାଦନ, ବେକାରୀ, ଦରଦାମ ବୃଦ୍ଧି ଆଦି ପ୍ରସଙ୍ଗରେ ମଧ୍ୟ ସରକାରଙ୍କୁ ଦାୟୀ କରି ବର୍ଷିଥିଲେ। ଆଗାମୀ ଦିନରେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଓ ବିଜେଡ଼ି ନେତୃତାଧୀନ ରାଜ୍ୟ ସରକାରକୁ ବିରୋଧ କରାଯିବା ସହ ସିପିଆଇ ଇଣ୍ଡିଆମେଣ୍ଟରେ ରହିବ ବୋଲି ପ୍ରକାଶ କରିଥିଲେ।

# ନୂଆପଡ଼ା ଜିଲାରେ ବାଘ, ଭାଲୁ ଆତଙ୍କ

ନୂଆପଡ଼ା,୩।୧(ମକାରୁ ବେମାଲ)

■ଆଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହେଉଛନ୍ତି ବନ୍ୟପ୍ରାଣୀ

■ପ୍ରାତଃଭ୍ରମଣ, ଚାଷ କାମ, ସ୍କୁଲ ଯିବାକୁ ଭୟ



ନୂଆପଡ଼ା ଜିଲାରେ ବାଘ ଓ ଭାଲୁ ଆତଙ୍କ ଲାଗି ରହିଛି। ଫଳରେ ଲୋକଙ୍କ ଜୀବନଯାତ୍ରା ଉପରେ ଏହାର ପ୍ରଭାବ ଦେଖିବାକୁ ମିଳୁଛି। ପ୍ରାତଃଭ୍ରମଣ କରିବା, ଜମିକୁ ଚାଷ କାମ କରିବାକୁ ଯିବା ଲାଗି ଲୋକେ ଭୟ କରୁଛନ୍ତି। ଏପରିକି ଭୟରେ ପିଲାମାନେ ସ୍କୁଲ ଯାଉନାହାନ୍ତି। ଖାଦ୍ୟ ଅନ୍ୱେଷଣରେ ବାଘ, ଭାଲୁ ସମେତ ବିଭିନ୍ନ ପ୍ରକାର ବନ୍ୟପ୍ରାଣୀ ଗାଁ ମୁହାଁ ହେଉଥିବା ଲୋକେ କହିଛନ୍ତି। ଫଳରେ ବିଭିନ୍ନ ଗ୍ରାମରେ ଦିନକୁ ଦିନ ଆତଙ୍କ ଲାଗି ରହୁଛି। ଜିଲାର କୋମନା ଥାନା ତରବୋଡ ଅଞ୍ଚଳରେ ୨ଦିନ ପୂର୍ବେ ଭାଲୁ ଆତଙ୍କ ସୃଷ୍ଟି ହୋଇଥିଲା। ଜାନୁଆରୀ ୧ରେ ନୂତନ ବର୍ଷ ଉପଲକ୍ଷେ କେତେଜଣ ଯୁବକ ବଣଭୋଜି କରିବା ପାଇଁ ଜଡାମୁଣ୍ଡା ସୁନ୍ଦର ଜଳସେଚନ ପ୍ରକଳ୍ପକୁ ଯାଇଥିଲେ। ବଣଭୋଜି କରି ଘରକୁ ଫେରୁଥିବା ସମୟରେ ୩ଟି ଭାଲୁ ତରବୋଡ ସମ୍ଭବ ଆମ୍ବ ବଗିଚା ପଟେ ବୁଲୁଥିବା ଦେଖିବାକୁ ପାଇଥିଲେ। ଏହି ଖବର ପ୍ରଚାରିତ ହେବା ପରେ ତରବୋଡ ଅଞ୍ଚଳ ମାନିଗୁଡା, ଭରୁଆମୁଣ୍ଡା, ସିହିନାମୁଣ୍ଡା, ଜଟଗଡ, ଗଡଗଡବାହାଲି, ସାହାଜଟ, ସାଲେପଡା, ବାଲିପାର୍ଟି, ଗୋହିରାପଦର, ଧରମପୁର ଆଦି ଗାଁରେ ଭାଲୁ ଆତଙ୍କ ଖେଳିଯାଇଛି। ଲୋକେ ସକାଳେ ଓ ସନ୍ଧ୍ୟାରେ ଖାଲି ପାଦରେ ଚାଲିଚାଲି ଯାଇ ଫେରୁଥିଲେ। ଭାଲୁ ଭୟରେ ଲୋକେ ଚାଲି ଚାଲି ଯିବା ବନ୍ଦ କରି ଦେଇଛନ୍ତି। ସେହିପରି ସଦର ବ୍ଲକ ଧରମବନ୍ଧା ସେକ୍ସନ ଚୂଳାଭାଟ ଅଞ୍ଚଳରେ ୩ ଦିନ ହେବ ବାଘ ଆତଙ୍କ ଦେଖା ଦେଇଛି। ବାଘ ଭୟରେ ଅଞ୍ଚଳର ଲୋକେ ସନ୍ଧ୍ୟା ହେଲେ ତାଟିକବାଟ ବନ୍ଦ କରି ଦେଉଛନ୍ତି। କୌଣସି ଅଘଟଣ ଘଟି ନ ଥିଲେ ମଧ୍ୟ ବାଘ ସନ୍ଧ୍ୟା ହେଲେ ଗାଁ ଭିତରକୁ ଚାଲି ଆସୁଛି। ବାଘ ଭୟରେ ଚୂଳାଭାଟ ଗାଁ ଅଞ୍ଚଳର ଲୋକେ ପିଲାଙ୍କୁ ସ୍କୁଲ ମଧ୍ୟ ଛାଡୁ ନାହାନ୍ତି। ବର୍ତ୍ତମାନ ଚାଷ ଅମଳ ସମୟ ହୋଇଥିବାବେଳେ ଚାଷୀମାନେ ଚାଷଜମିକୁ ଯିବା ପାଇଁ ମଧ୍ୟ ଭୟ କରୁଛନ୍ତି। ଜଙ୍ଗଲ ପଦା ହେଉ ନାହିଁ ବରଂ ଜଙ୍ଗଲ ବଢିବାରେ ଲାଗିଛି। ହେଲେ ବନ୍ୟପ୍ରାଣୀ ଖାଇବା ଭଳି ଫଳବୃକ୍ଷ ରୋପଣ କରାଯାଉନାହିଁ। ଫଳରେ ଖାଦ୍ୟ ଅନ୍ୱେଷଣରେ ବନ୍ୟପ୍ରାଣୀ ଜଙ୍ଗଲକୁ ଛାଡି ଗାଁ ମୁହାଁ ହେଉଥିବା ଲୋକେ ଅନୁମାନ କରୁଛନ୍ତି। ଅପରପକ୍ଷେ ଜଙ୍ଗଲରେ ହରିଣ, କୁଟୁରା, ବାର୍ହା ଆଦି ପ୍ରାଣୀଙ୍କ ସଂଖ୍ୟା କମି ଯାଇଥିବାରୁ ବାଘ ଆଦି ମାଂସାସୀ ପ୍ରାଣୀ ଗାଁକୁ ଚାଲିଆସୁଛନ୍ତି। ଜଙ୍ଗଲ ପାଖରେ ବେଆଇନ ଭାବରେ କ୍ରସରମାନ ଚାଲିଛି। କ୍ରସର ମାଲିକମାନେ ଲିଜ୍ ଅନୁସାରେ ଅଧିକ ଅଞ୍ଚଳ ନିଜ ଅଧିନରେ ନେଇ ବେଆଇନ ଭାବରେ ପଥର ବ୍ଲାଷ୍ଟିଂ କରୁଥିବାରୁ ବନ୍ୟଜନ୍ତୁ ଭୟଭୀତ ହୋଇ ଗାଁ ମୁହାଁ ହେଉଥିବା ମଧ୍ୟ ଅନେକ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବନ୍ୟପ୍ରାଣୀ ଗାଁ ମୁହାଁ ହୋଇଥିବାବେଳେ ଲୋକେ ଭୟରେ ସେମାନଙ୍କ ଉପରେ ଢେଲାପଥର ମାରି ଦେଉଛନ୍ତି। ଫଳରେ ବନ୍ୟପ୍ରାଣୀ ରାଗି ଯାଇ ସାଧାରଣ ମଣିଷ ଉପରେ ଆକ୍ରମଣ କରି ବସୁଛି। ବନ୍ୟପ୍ରାଣୀ ଗାଁ ସମେତ ସମୟେ ସମୟେ ସହର ମୁହାଁ ମଧ ହେଉଛି। ନିକଟରେ ନୂଆପଡ଼ା ସହରକୁ ଏକ ଭାଲୁ ପଶି ଆସିଥିଲା। ଜନଜୀବନ ହାନି ନ ହେବା ପାଇଁ ବନ ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। ଜଙ୍ଗଲ ପାଖରେ ଥିବା କ୍ରସର ହଟାଇ ଦେବା ପାଇଁ ସାଧାରଣରେ ଦାବି ହେଉଛି।

# ମା' ସାରଦା ଦେବୀଙ୍କ ଜୟନ୍ତୀ ପାଳିତ



ମା' ସାରଦା ଦେବୀଙ୍କ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥି।

ଏମ.ରାମପୁର,୩।୧(ଶଶୀଭୂଷଣ ପ୍ରହରାଜ)

କଳାହାଣ୍ଡି ଜିଲା ଏମ. ରାମପୁରରେ ସୁପ୍ରତିଷ୍ଠିତ ଶ୍ରୀରାମକୃଷ୍ଣ ଆଶ୍ରମ ପରିସରରେ ବୁଧବାର ମା' ସାରଦା ଦେବୀଙ୍କ ୧୭୧ତମ ଜୟନ୍ତୀ ପାଳିତ ହୋଇଯାଇଛି। ଆଶ୍ରମ ଅନ୍ତେବାସୀ, ବିବେକାନନ୍ଦ ବିଦ୍ୟାଳୟ ଛାତ୍ରୀଛାତ୍ର, ସାଧୁ, ଭକ୍ତ ଗହଣରେ ଜୟନ୍ତୀ ଉତ୍ସବ ପାଳିତ ହୋଇଥିଲା। ପ୍ରାତଃ କାଳେ ଆରତୀ, ହୋମ, ଯଜ୍ଞ ଅନୁଷ୍ଠିତ ହେଇଥିଲା। ପୂର୍ବାହ୍ନ ୧୧ଟାରେ ଆଧ୍ୟାତ୍ମିକ ସଭା ଆୟୋଜିତ ହୋଇଥିଲା। ଆଶ୍ରମ ସମ୍ପାଦକ ସ୍ୱାମୀ ଅଶୋକାନନ୍ଦ ମହାରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆଶ୍ରମ ଶୁଭେଚ୍ଛୁ ବଟକୃଷ୍ଣ ପ୍ରଧାନ ଅତିଥି ପରିଚୟ କରିଥିଲେ। ଭୁବନେଶ୍ୱରର ପ୍ରତିଷ୍ଠିତ ଉଦ୍ୟୋଗପତି ପ୍ରତାପ ସାହୁ ମୁଖ୍ୟ ଅତିଥି, କବୟିତ୍ରୀ ସରସ୍ୱତୀ ମିଶ୍ର ମୁଖ୍ୟବକ୍ତା, ବିବେକାନନ୍ଦ ବିଦ୍ୟାଳୟ ଅଧକ୍ଷ ସୁରେନ୍ଦ୍ର ମହାଖୁଡ, ଆଶ୍ରମ ସାଧୁ ସ୍ୱାମୀ ବିରେଶାନନ୍ଦ, ଆଶ୍ରମ ସାଧୁ ସ୍ୱାମୀ ସୁକାଦେଭାନନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମା' ସାରଦା ସାଧାରଣ ଘରେ ଜନ୍ମି ଅସାଧାରଣ କର୍ଯ୍ୟକରି ସମାଜ ସଂସ୍କାର କରିଛନ୍ତି। ଏପରିକି ବିଦେଶିନୀ ନିବେଦିତାଙ୍କୁ ମଧ ଆଧାତ୍ମିକ ରାସ୍ତାର ପଥିକ କରାଇଥିଲେ ବୋଲି ବକ୍ତାଗଣ ମତବ୍ୟକ୍ତ କରିଥିଲେ। ଆଶ୍ରମ ଶିଶୁ ଅନ୍ତେବାସୀ ଘୁମୁରା ନୃତ୍ୟ ପ୍ରଦର୍ଶନ କରିଥିଲେ। ଜୟନ୍ତୀ ଅବସରରେ ପ୍ରାଚୀର ପତ୍ରିକା ସାରଦା ସ୍ମରଣେ ଉନ୍ମୋଚିତ ହୋଇଥିଲା। ସଭା ଶେଷରେ କର୍ମଚାରୀ ଉମା ବେହେରା ଧନ୍ୟବାଦ ଦେଇଥିଲେ।

# ଭିଜିଲାନ୍ସ ବିଭାଗରେ ଲିଖିତ ଅଭିଯୋଗ କଲା କଂଗ୍ରେସ

ଭବାନୀପାଟଣା,୩।୧(ଉତ୍ତମ କୁମାର ଦାଶ)



ଭିଜିଲାନ୍ସ ଇନ୍ସପେକ୍ଟରଙ୍କୁ ଲିଖିତ ଅଭିଯୋଗ ଦେଉଛନ୍ତି କଂଗ୍ରେସ ପ୍ରତିନିଧି ଦଳ।

**ଚିଟୈଗୁଡ଼ା ମଣ୍ଡିରେ ଧାନକିଣା ଅନିୟମିତତା ଘଟଣା**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଚିଟୈଗୁଡା ମଣ୍ଡିରେ ଧାନ କିଣା ଅନିୟମିତତାକୁ ନେଇ ବୁଧବାର ସ୍ଥାନୀୟ ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରତିନିଧି ଦଳ ଜିଲା ଖାଦ୍ୟ ଯୋଗାଣ ଅଧିକାରୀ, ଭିଜିଲାନ୍ସ ବିଭାଗ ଓ ସମବାୟ ଜିଲା ନିବନ୍ଧକଙ୍କୁ ଫେରାଦ ହୋଇଛନ୍ତି। ସେମାନେ ଏ ବିଷୟରେ ଏକ ଲିଖିତ ଅଭିଯୋଗପତ୍ର ମଧ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗତ ଡିସେମ୍ବର ୨୬ରେ କଂଗ୍ରେସ ଦଳର ଏକ ରାଜ୍ୟସ୍ତରୀୟ ପ୍ରତିନିଧି ଦଳ ଚିଟୈଗୁଡା ମଣ୍ଡିକୁ ପରିଦର୍ଶନ କରିଥିଲେ। ଏହି ସମୟରେ ଧାନ ଓଜନ ମେଶିନରେ ଠକେଇ ଯୋଗୁ କୁଇଣ୍ଟାଲ ପିଛା ୬ କେଜି ମେଶିନରେ କମ ଦେଖାଉଥିବା ଚାଷୀମାନେ ଅଭିଯୋଗ କରିଥିଲେ। ଏହା ପରେ ଅଭିଯୋଗକୁ ପ୍ରମାଣ କରିବା ପାଇଁ କଂଗ୍ରେସ ପ୍ରତିନିଧି ଦଳ ତୁରନ୍ତ ଓଜନ ମେଶିନକୁ ପରୀକ୍ଷା କରିଥିଲେ। ପରୀକ୍ଷା ସମୟରେ ମଧ ଏହି ଠକେଇ ବିଷୟରେ ଜଣାପଡିଥିଲା। ଫଳରେ ପ୍ରତିନିଧି ଦଳ ସ୍ଥାନୀୟ ତହସିଲଦାର, ଧର୍ମଗଡ଼ ଉପଜିଲାପାଳଙ୍କୁ ଜଣାଇଥିଲେ। ପରେ ବିଭାଗୀୟ ଅଧିକାରୀ ମଣ୍ଡିକୁ ଆସି ଓଜନ ମାପକ ଯନ୍ତ୍ରକୁ ଜବତ କରିଥିଲେ। ଏହି ଠକେଇକୁ ନେଇ କଂଗ୍ରେସ ପକ୍ଷରୁ ଭବାନୀପାଟଣା ଭିଜିଲାନ୍ସ ଅଫିସରେ ମଧ ଏକ ମାମଲା ରୁଜୁ କରାଯାଇଛି। ଶୀଘ୍ର ଏହାର ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛଧି। ସେହିପରି ଯଦି ଚାଷୀ ଶୋଷଣ ବନ୍ଦ ନ ହୁଏ, ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି କଂଗ୍ରେସ ନେତା ସାଉଲ ମଙ୍ଗରାଜ, ପ୍ରଭାତ ଦାସ, ଚିତ୍ତରଞ୍ଜନ ନିଆଲ ପ୍ରମୁଖ ପ୍ରକାଶ କରିଛନ୍ତି।

# ନୂଆ-ଓ ପ୍ରତିଯୋଗୀ ପୁରସ୍କୃତ

ଟିଟିଲାଗଡ଼, ୩।୧(ଶରତ ମିଶ୍ର)

ଟିଟିଲାଗଡ଼ ପୌର ପରିଷଦ ପକ୍ଷରୁ ନୂଆ-ଓ ଯୋଜନାରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ଏହି ଅବସରରେ ସ୍ଥାନୀୟ ରାଜକନୱର ପାର୍କ ପରିସରରେ ଅନୁଷ୍ଠିତ ସମାରୋହରେ ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କ୍ରିକେଟ ପୁରୁଷ ବର୍ଗରେ ସହରର ଭିଏନସିସି ଚାମ୍ପିୟନ, ନେହେରୁ ନଗର ୨ୟ, ଫାୟାର ୩ୟ, ପ୍ରଭାବତୀ ୪ର୍ଥଙ୍କୁ ମନ୍ତ୍ରୀ ଯଥାକ୍ରମେ ୨୦ ହଜାର, ୧୫ହଜାର ଏବଂ ୧୦ହଜାର ଟଙ୍କା ଲେଖାଏ ଅର୍ଥ ରାଶି ପ୍ରଦାନ କରିଥିଲେ। ସେହିପରି ଭଲିବଲ(ପୁରୁଷ)ରେ ଫାୟାର ଚାମ୍ପିୟନ, ଡ଼ିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟ ୨ୟ, ନେତାଜୀ କ୍ଲବ ୩ୟ, ୟୁଏସପି କ୍ଲବ ୪ର୍ଥ, ଫୁଟବଲ (ପୁରୁଷ)ପ୍ରିୟାଂଶ ଏଫସି ଚାମ୍ପିୟନ, ୟୁଏସସିଏଫସି ୨ୟ, ଟାଇଗର ୩ୟ, ନେତାଜୀ ଯୁବକ ସଂଘ ୪ର୍ଥ, କବାଡି(ମହିଳା) ୱାରିୱାର୍ସ ଚାମ୍ପିୟନ, ଏମଏସ ଫିଜିକାଲ ଏକାଡେମୀ ୨ୟ, ମହିଳା ମହାବିଦ୍ୟାଳୟ ୩ୟ, ହକି ପୁରୁଷ ଏମ୍ଏସ୍ପି ଏକାଡେମୀ ଚାମ୍ପିୟନ, କବାଡି(ପୁରୁଷ) ଏମଏସ ଏକାଡେମୀ ଚାମ୍ପିୟନ, ଜୟ ଟିଟିଲାଗଡ଼ ୨ୟ, ଏଭିଏସ ୩ୟ, ପ୍ରଭାବତୀ ପବ୍ଲିକ ସ୍କୁଲ ୪ର୍ଥ, ଖୋଖୋ(ପୁରୁଷ) ରସର୍ସ ଚାମ୍ପିୟନ, ଏନୱାଇଏସ କ୍ଲବ ୨ୟ, ଟିମ ୟଙ୍ଗଷ୍ଟାର ୩ୟ, ଜୁନିୟର ଲସ୍କର ୪ର୍ଥ ପୁରସ୍କୃତ ହୋଇଥିଲେ। ପୌର ନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉପଜିଲାପାଳ ଦୟାମୟ ପାଢ଼ୀ, ପୌର ଉପାଧ୍ୟକ୍ଷା ପୁଷ୍ପମଞ୍ଜରୀ ଜାଲ ପ୍ରମୁଖ ଉପସ୍ଥିତ ଥିଲେ।

# ଖଡ଼ିଆଳ ମହୋତ୍ସବ ପାଇଁ ଶୁଭସ୍ତମ୍ଭ ସ୍ଥାପନ



ଶୁଭସ୍ତମ୍ଭ ସ୍ଥାପନ କାର୍ଯ୍ୟକ୍ରମରେ ଉପସ୍ଥିତ ମହୋତ୍ସବ କମିଟି କର୍ମକର୍ତ୍ତା।

ଖଡ଼ିଆଳ,୩।୧(ସୁଜିତ କୁମାର ପ୍ରଧାନ)

ଜାନୁଆରୀ ୨୯ରୁ ଫେବୃଆରୀ ୨ପର୍ଯ୍ୟନ୍ତ ଖଡ଼ିଆଳସ୍ଥିତ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପଡିଆରେ ଅନୁଷ୍ଠିତ ହେବାକୁ ଯାଉଛି ଖଡ଼ିଆଳ ମହୋତ୍ସବ। ଏ ନେଇ ପ୍ରସ୍ତୁତି ଜୋରସୋରରେ ଚାଲିଛି। ମହୋତ୍ସବ ପାଳନର ପ୍ରଥମ ପର୍ଯ୍ୟାୟ ସ୍ୱରୂପ ବୁଧବାର ଶୁଭସ୍ତମ୍ଭ ସ୍ଥାପନ ହୋଇଛି। ଏ ନେଇ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପଡିଆଠାରେ ସ୍ୱତନ୍ତ୍ର ରୀତିନୀତି ଅନୁସାରେ ଖଡ଼ିଆଳର ଇଷ୍ଟ ଦେବୀ ମା' ସମଲେଶ୍ୱରୀ, ଜଗତର ନାଥ ଜଗନ୍ନାଥ, ଶ୍ରୀଗଣେଶ ଏବଂ ଜଗତଜନନୀ ମା'ଦୁର୍ଗାଙ୍କୁ ପୁରୋହିତ ସୁଦର୍ଶନ ଠାକୁର ଆବାହନ କରି ପୂଜାର୍ଚ୍ଚନା କରିଥିଲେ। ପରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା। ଏଥିରେ କର୍ତ୍ତା ଭାବେ ମହୋତ୍ସବ ପାଳନ କମିଟି ସଭାପତି ଜିତେନ୍ଦ୍ର ନାଥ ପଟ୍ଟନାୟକ ଦାୟିତ୍ୱ ନିର୍ବାହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହୋତ୍ସବ ପାଳନ କମିଟି ଉପଦେଷ୍ଟା ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀ, ନଗରପାଳ ଉଜ୍ଜଳ ଗୁପ୍ତା, ମେଜର ଡା. ରାମଚନ୍ଦ୍ର ମିଶ୍ର, ଜଗବନ୍ଧୁ ବାରିକ, ନିମାଇଁଚରଣ ତାଣ୍ଡି, ସତୀଶ ପଟ୍ଟନାୟକ, ଉପସଭାପତି ସୁଶାନ୍ତ ତାଣ୍ଡି, ସମ୍ପାଦକ ସୁନୀଲ କୁମାର ସାହୁ, ଅମରେଶ ପଟ୍ଟନାୟକ, ଛବି ସାଗର, ଗିରିଧାରୀ ବିଭାର, ପବିତ୍ର ମୋହନ ପ୍ରଧାନ, ପୃଥ୍ୱୀରାଜ ମହାନ୍ତି, ଡ. ସୁଶାନ୍ତ କୁମାର ବିଶି, ଗିରିଧାରୀ ବିଭାର, ବିମଳ ସିଂ ଦଳପତି, ସୁରେନ୍ଦ୍ର କୁମାର, ଜାକିର ଅହମ୍ମଦ ଖାନ, ଭୋଦେବ ସାହୁ, ରାଜକପୁର ବାରିକ, ଗୋପାଳ ଦାଶ, ବିଭୂତି ଭୂଷଣ ବିଶି, ପାର୍ଥବ ଜଗତ, ପ୍ରବୀଣ ପଟ୍ଟନାୟକ, ଗଙ୍ଗାଧର ମହାନ୍ତି, କୃଷ୍ଣ ସାହୁ, ଅମିତାଭ ପଟେଲ, ଅଶୋକ ବାରିକ, ଅମୁଲ୍ୟ ବାରିକ, ବବ୍ରୁବାହାନ ବର୍ମାଙ୍କ ସମେତ ଶତାଧିକ ସଂଖ୍ୟାରେ କର୍ମକର୍ତ୍ତା ଉପସ୍ଥିତ ଥିଲେ। ୫ଦିନ ବ୍ୟାପୀ ହେବାକୁ ଥିବା ମହୋତ୍ସବରେ ତିନି ଦିନ ଧରି ରାଜ୍ୟ ତଥା ରାଜ୍ୟ ବାହାର ସାଂସ୍କୃତିକ ଦଳ ଭାଗ ନେଇ ନିଜର କଳା ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି। ଚତୁର୍ଥ ଦିନରେ ସମ୍ବଲପୁରୀ ଅର୍କେଷ୍ଟ୍ରା ସହ ଉଦ୍ଯାପନୀ ଉତ୍ସବରେ ବଲିଉଡର ସୁନାମ ଧନ୍ୟ ଗାୟକ ସୁରେଶ ୱାଡେକର ଏବଂ ଗାୟିକା କବିତା କ୍ରିଷ୍ଣାମୂର୍ତ୍ତି ଯୋଗ ଦେବା କାର୍ଯ୍ୟକ୍ରମ ସ୍ଥିର ହୋଇଛି।

# ମୃତ ଶ୍ରମିକଙ୍କ ପାଖରେ ପହଞ୍ଚିନି ଶ୍ରମ ବିଭାଗ

ଲାଠୋର, ୩।୧(ଭୁବନେଶ୍ୱର ବାରିକ)

**ଦାଦନ ସର୍ଦ୍ଦାରଙ୍କୁ ସୁରକ୍ଷା ଦେଉଛି ଶ୍ରମ ବିଭାଗ**

ବିଜୟନଗରମରେ ମୃତ ବଲାଙ୍ଗୀର ଜିଲା ଲାଠୋର ଥାନା ଅଧିନ ଚହକପଡ଼ା ଗ୍ରାମର ଦାଦନ ଶ୍ରମିକ ଧବଳେଶ୍ୱର ଘିବେଲାଙ୍କ ଶୁକ୍ରବାର ଗ୍ରାମରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତିନିଦିନ ବିତିଯାଇଥିଲେ ବି ଶ୍ରମ ବିଭାଗ ମୃତ ଶ୍ରମିକ ପରିବାର ପାଖରେ ପହଞ୍ଚି ନାହିଁ। ଏପରିକି ଘଟଣାର କୌଣସି ପ୍ରକାର ତଦନ୍ତ କରିନି କି ଶ୍ରମିକ ଚାଲାଣ କରିଥିବା ଦାଦନ ସର୍ଦ୍ଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। କିଛିଦିନ ତଳେ ବେଲପଡ଼ା ବ୍ଲକର ଜଣେ ଦାଦନ ସର୍ଦ୍ଦାର ଧବଳେଶ୍ୱରଙ୍କ ପରିବାର ସଦସ୍ୟଙ୍କୁ ବିଜୟନଗରମସ୍ଥିତ ମୁରଲି ନାମକ ଜଣେ ଇଟାଭାଟି ମାଲିକଙ୍କ ପାଖରେ ନିୟୋଜିତ କରିଥିଲେ। ସେଠାରେ ରୋଗାକ୍ରାନ୍ତ ଧବଳେଶ୍ୱରଙ୍କର ଉପଯୁକ୍ତ ଚିକିତ୍ସା ଅଭାବରୁ ମୃତ୍ୟୁ ଘଟିଥିଲା। ତାଙ୍କ ପରିବାରକୁ କୌଣସି ସହାୟତା ନକରି ଇଟାଭାଟି ମାଲିକ ଏକ ଆମ୍ବୁଲାନ୍ସ ଯୋଗେ ମୃତଦେହ ଚହକପଡ଼ା ପଠେଇ ଦେଇଥିଲେ। ଏ ନେଇ ଖବର ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲେ ହେଁ ଶ୍ରମ ବିଭାଗ କୌଣସି ସମବେଦନା ଜଣାଇନାହିଁ। ପୁଣି ସମ୍ପୃକ୍ତ ସର୍ଦ୍ଦାରଙ୍କ ଦ୍ୱାରା ବିଜୟନଗରମ ଇଟାଭାଟିକୁ ଯାଇଥିବା ପାଟଣାଗଡ଼ ଥାନା ଆମ୍ବପାଲି ଗ୍ରାମର ଆଉ ଜଣେ ଦାଦନ ଶ୍ରମିକ ଗଜାନନ ଷାଣ୍ଢଙ୍କର ମୃତଦେହ ଗାଁରେ ସୋମବାର ପହଞ୍ଚିଛି। ତଦନ୍ତରେ ବିଳମ୍ବ ଯୋଗୁ ସମ୍ପୃକ୍ତ ସର୍ଦ୍ଦାର ଏବେ ଫେରାର ହୋଇଯାଇଛନ୍ତି। ଏନେଇ ଜିଲା ଶ୍ରମ ଅଧିକାରୀ ସୁକାନ୍ତ ସେଠୀଙ୍କୁ ପଚାରିବାରୁ କାର୍ଯ୍ୟବ୍ୟସ୍ତତା ଯୋଗୁ ଘଟଣାର ତଦନ୍ତ କରାଯାଇ ପାରିନାହିଁ। ମଙ୍ଗଳବାର ଆମ୍ବପାଲି ଘଟଣାର ତଦନ୍ତ ହେଉଛ, ବୁଧବାର ନିଶ୍ଚିତ ଭାବେ ଚହକପଡ଼ା ଘଟଣାର ତଦନ୍ତ ହେବ ବୋଲି ସେ କହିଥିଲେ।

# କଳାହାଣ୍ଡି ଉତ୍ସବ ମଶାଲ, ସାଂସ୍କୃତିକ ଉପକମିଟିର ସମନ୍ୱୟ ବୈଠକ

ଭବାନୀପାଟଣା,୩।୧(ଉତ୍ତମ କୁମାର ଦାଶ)

ଭବାନୀପାଟଣାରେ ଆସନ୍ତା ଜାନୁଆରୀ ୧୪ ରୁ ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବକୁ ସରସ ସୁନ୍ଦର କରିବା ପାଇଁ ସ୍ଥାନୀୟ ଜିଲା ପ୍ରଶାସନ, ଜିଲା ସଂସ୍କୃତି ପରିଷଦ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ଏପରିସ୍ଥଳେ ବୁଧବାର ଭବାନୀପାଟଣାସ୍ଥିତ ଜିଲା ଯୋଜନା ଓ ସମନ୍ୱୟ ସମ୍ମିଳନୀ କକ୍ଷରେ କଳାହାଣ୍ଡି ଉତ୍ସବ ମଶାଲ ଉପକମିଟି ଓ ସାଂସ୍କୃତିକ ଉପକମିଟିର ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଯୋଜନା ଅଧିକାରୀ ଶ୍ରୀକାନ୍ତ ଦଳେଇଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ମଶାଲ ଉପକମିଟିର ଅଧକ୍ଷ ଡ. ଭବାନୀ ଶଙ୍କର ନିଆଲ ଅଧକ୍ଷତା କରିଥିଲେ। ଏହି ଅବସରରେ ସାଂସ୍କୃତିକ ଉପକମିଟିର ଆବାହକ ସଞ୍ଜୀବ ସିଂହ, ମଶାଲ ଉପକମିଟିର ଆବାହକ ଯଯାତି ନାୟକଙ୍କ ସମେତ ମଶାଲ ଉପକମିଟିର ସଦସ୍ୟ ଅମିତ କୁମାର ଯାଦବ, ସୁଶୀଲ କୁମାର ବାଗ, ସୂର୍ଯ୍ୟ ନାରାୟଣ କୁମାର, ସମିତା ନାୟକ, ପ୍ରତିଭା ଚୌହାନ, ଉପାସନା ତ୍ରିପାଠୀ, ଜିତେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଜିଲାର ବିଭିନ୍ନ ଦେବାଦେବୀ ପୀଠରୁ ଆସୁଥିବା ମଶାଲକୁ ସ୍ୱାଗତ କରିବା ସହିତ ବିଶାଳ ସାଂସ୍କୃତିକ ଶୋଭାଯାତ୍ରାରେ ମଶାଲ ସହର ପରିକ୍ରମା କରି ସହିଦ ରେଣ୍ଡୋ ମାଝି ମଞ୍ଚରେ ସ୍ଥାପନ କରାଯିବା ନେଇ ଆଲୋଚନା କରାଯାଇଥିଲା। ସେହିପରି କଳାହାଣ୍ଡି ଉତ୍ସବ ଅବସରରେ ଆୟୋଜିତ ହେବାକୁ ଥିବା ରାହାଗିରି ଉପକମିଟିର ବୈଠକ ମଧ ଡ. ଅଜୟ ମିଶ୍ରଙ୍କ ଅଧକ୍ଷତାରେ ଯୋଜନା ଓ ସମ୍ମନ୍ୱୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି।



ଅନୁଷ୍ଠିତ ସମନ୍ୱୟ ବୈଠକରେ ଉପସ୍ଥିତ ଅଧିକାରୀ।

# କୋକସରା ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ ଉଦ୍ଯାପିତ

କୋକସରା,୩।୧(ଦୁଷ୍ମନ୍ତ କୁମାର ପାଟଯୋଷୀ)




କ୍ରୀଡା ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବରେ ଅତିଥି ଓ କୃତୀ ପ୍ରତିଯୋଗୀ।

କଳାହାଣ୍ଡି ଜିଲା କୋକସରା ବ୍ଲକ ପ୍ରଶାସନ ପକ୍ଷରୁ ହାଇସ୍କୁଲ, କଲେଜସ୍ତରରେ ହୋଇଯାଇଥିବା କ୍ରୀଡା ପ୍ରତିଯୋଗିତାର ବୁଧବାର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। କୋକସରା ବ୍ଲକ କାର୍ଯ୍ୟାଳୟ ପରିସରରେ କ୍ରୀଡା ଉତ୍ସବ ଉଦ୍ଯାପନୀ କାର୍ଯ୍ୟକ୍ରମରେ ବ୍ଲକ ବିଏସ୍ଏସ୍ଓ ଦୀପକ କୁମାର ବେହେରାଙ୍କ ପରିଚାଳନାରେ ମୁଖ୍ୟ ଅତିଥି ଭାବେ ଧର୍ମଗଡ଼ ବିଧାୟକ ମୌଷଧି ବାଗ ଯୋଗ ଦେଇଥିଲେ। ପାଠପଢା ସହିତ କ୍ରୀଡ଼ାର ଆବଶ୍ୟକତା ସମ୍ପର୍କରେ କହିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ବିଡ଼ିଓ ସ୍ନେହାପ୍ରଭା ମାଝି, ବିଇଓ ରଶ୍ମିତା ନେତମ, ତହସିଲଦାର ନବୀନ କୁମାର ପାଢୀ ଉପସ୍ଥିତ ରହିଥିଲେ। କ୍ରୀଡା ଉତ୍ସବ ଉଦ୍ଯାପନୀ କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗରେ ଅନୁଷ୍ଠିତ ହୋଇଥିବା କ୍ରୀଡାରେ କୃତୀ ପ୍ରତିଯୋଗୀ ଟିମ୍ର ସମସ୍ତ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ଉତ୍ସାହିତ କରିଥିଲେ। ଶିକ୍ଷା ସହ କ୍ରୀଡ଼ାରେ ମଧ ପାରଦର୍ଶିତା ଅର୍ଜନ ଓ ସଫଳତା ହାସଲ କରି ଜିଲା ଓ ରାଜ୍ୟ ପାଇଁ ଗୌରବ ଆଣି ପାରିବା ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। କ୍ରୀଡ଼ା ଉତ୍ସବ ଉଦ୍ଯାପନୀ ଅବସରରେ କଲେଜ ଓ ହାଇସ୍କୁଲର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରେ ବିଭିନ୍ନ କ୍ରୀଡା ବର୍ଗରେ ସଫଳତା ପାଇଥିବା କଲେଜ ଓ ହାଇସ୍କୁଲର ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ନଗଦ ଅର୍ଥ ରାଶି ପ୍ରଦାନ କରାଯାଇଛି। କ୍ରୀଡା ପରିଚାଳନାରେ ସହଯୋଗ କରିଥିବା ବ୍ଲକର ନୋଡାଲ କ୍ରୀଡା ଶିକ୍ଷକ ଅମିତ କୁମାର ମହାନ୍ତି, କ୍ରୀଡା ଶିକ୍ଷକ ଶଙ୍କର ପୋଡ଼, ରାଧାକାନ୍ତ ପଟ୍ଟନାୟକ, ନିର୍ମାଲ୍ୟ ନାଏକ, କିଶନ ଲାଲ ଧ. ମାଝି, ସୁଧୀର ରଞ୍ଜନ ପଣ୍ଡା, ଭବାନୀଶଙ୍କର ଶବର, ବିଶ୍ୱମ୍ଭର ଧ. ମାଝିଙ୍କୁ ମାନପତ୍ର ସହ ସମ୍ମାନିତ କରାଯାଇଥିଲା। ଶେଷରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନ୍ତର୍ଗତ ଡିସେମ୍ବର ୧୨ରୁ ୧୯ ତାରିଖ ପର୍ଯ୍ୟନ୍ତ ବ୍ଲକସ୍ତରୀୟ ବିଭିନ୍ନ ପ୍ରକାର କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା।

## ସଂକ୍ଷେପରେ

### ଖଡ଼ିଆଳ ମହୋତ୍ସବ ପାଇଁ ଶୁଭସ୍ତମ୍ଭ ସ୍ଥାପନ

**ଖଡ଼ିଆଳ,୩।୧(ସୁଜିତ କୁମାର ପ୍ରଧାନ):** ଜାନୁଆରୀ ୨୯ରୁ ଫେବୃଆରୀ ୨ପର୍ଯ୍ୟନ୍ତ ଖଡ଼ିଆଳସ୍ଥିତ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପଡିଆରେ ଅନୁଷ୍ଠିତ ହେବାକୁ ଯାଉଛି ଖଡ଼ିଆଳ ମହୋତ୍ସବ। ଏ ନେଇ ପ୍ରସ୍ତୁତି ଜୋରସୋରରେ ଚାଲିଛି। ମହୋତ୍ସବ ପାଳନର ପ୍ରଥମ ପର୍ଯ୍ୟାୟ ସ୍ୱରୂପ ବୁଧବାର ଶୁଭସ୍ତମ୍ଭ ସ୍ଥାପନ ହୋଇଛି। ଏ ନେଇ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପଡିଆଠାରେ ସ୍ୱତନ୍ତ୍ର ରୀତିନୀତି ଅନୁସାରେ ଖଡ଼ିଆଳର ଇଷ୍ଟ ଦେବୀ ମା' ସମଲେଶ୍ୱରୀ, ଜଗତର ନାଥ ଜଗନ୍ନାଥ, ଶ୍ରୀଗଣେଶ ଏବଂ ଜଗତଜନନୀ ମା'ଦୁର୍ଗାଙ୍କୁ ପୁରୋହିତ ସୁଦର୍ଶନ ଠାକୁର ଆବାହନ କରି ପୂଜାର୍ଚ୍ଚନା କରିଥିଲେ। ପରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା। ଏଥିରେ କର୍ତ୍ତା ଭାବେ ମହୋତ୍ସବ ପାଳନ କମିଟି ସଭାପତି ଜିତେନ୍ଦ୍ର ନାଥ ପଟ୍ଟନାୟକ ଦାୟିତ୍ୱ ନିର୍ବାହ କରିଥିଲେ।

### କଂସାରି ସମାଜର ସାଧାରଣ ସଭା



**ବରଗଡ଼,୩।୧(ପ୍ରେମାନନ୍ଦ ଖମାରୀ):** ବରଗଡ଼ ବ୍ଲକ କଟାପାଲି ଗ୍ରାମରେ କଂସାରୀ ସମାଜର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ରାଧାରମଣ ଧର୍ମଶାଳାରେ ଡ.ମାଧବ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। କଂସାରୀ ସମାଜର ଉନ୍ନତି ପାଇଁ ବିଭିନ୍ନ କାମ ହାତକୁ ନିଆଯିବା ନେଇ ବିଭିନ୍ନ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଯୁବକମାନଙ୍କୁ କିଭଳି ଇଥାନଲ ପ୍ଲାଣ୍ଟରେ ରୋଜଗାର ମିଳିବ ଏବଂ କେନ୍ଦ୍ର ସରକାରଙ୍କ ବିଶ୍ୱକର୍ମା ଯୋଜନାରେ କଂସାରୀ କାରିଗରମାନେ ସାମିଲ ହୋଇ ପାରିବେ ସେ ଉପରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ପ୍ରସ୍ତାବ ନିଆଯାଇଥିଲା। ସେହିପରି ଆସନ୍ତା ବରଗଡ଼ ଧନୁଯାତ୍ରା ମହୋତ୍ସବରେ କାରିଗରମାନେ ନିଜ ହାତ ତିଆରି ସାମଗ୍ରିର ପ୍ରଦର୍ଶନୀରେ ଭାଗ ନେଇ ବିକ୍ରି କରିବାକୁ ମଧ୍ୟ ପ୍ରସ୍ତାବ ନିଆଯାଇଥିଲା। ପରେ ସମାଜର ନୂତନ ପରିଚାଳନା କମିଟି ଗଠନ କରାଯାଇଥିଲା। ଏଥିରେ ନନ୍ଦଲାଲ ସାହୁ ସଭାପତି, ଲଛମନ ସାହୁ ଉପସଭାପତି, ପ୍ରହଲ୍ଲାଦ କୁମାର ମାହାଣା ସମ୍ପାଦକ, ଅକ୍ଷୟ କୁମାର ସାହୁ ସହସମ୍ପାଦକ, ଆନନ୍ଦ ସାହୁ କୋଷାଧ୍ୟକ୍ଷ, ହଲଧର ସାହୁ ସହକୋଷାଧ୍ୟକ୍ଷ ମନୋନୀତ ହୋଇଥିଲେ। ଧର୍ମଶାଳାର ପରିଚାଳନା ପାଇଁ ଶ୍ରୀନିବାସ ଦାସଙ୍କୁ ମନୋନୟନ କରାଯାଇଥିଲା।

### ସ୍କୁଲ ଜୀବନର ସ୍ମୃତି ମନେ ପକାଇଲେ

#### ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

**ଘଣ୍ଟାପଡ଼ା, ୩।୧(ପ୍ରଭାତ ସାହୁ):** ବୌଦ୍ଧ ଜିଲା କଣ୍ଟାମାଳ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୭୮ ମ୍ୟାଟ୍ରିକ ବ୍ୟାଚର ପୁରାତନ ଛାତ୍ରମାନଙ୍କ ଖଡ଼ଙ୍ଗ ନଦୀର ସାଡେଙ୍ଗଠାରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ସହକାରୀ ପ୍ରାଣୀ ଚିକିତ୍ସକ ଗୌରଚନ୍ଦ୍ର ବାଘ ଓ ସାମାଜିକ କର୍ମୀ ସୁଶିଲ କୁମାର ଖଟୁଆଙ୍କ ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ହୋଇଥିବା ବେଳେ ପ୍ରଥମେ ଦିବଂଗତ ସହପାଠୀମାନଙ୍କ ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ ଛାତ୍ରମାନେ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରିବା ସହ ସ୍କୁଲ ଜୀବନର ସ୍ମୃତି ମନେ ପକାଇ ଖୁସି ମନାଇଥିଲେ । ଅବସର ପରେ ଆଗାମୀ ଦିନରେ ସମାଜସେବା ସହ ପରିବେଶ ସୁରକ୍ଷା ପାଇଁ ଆଗେଇ ଆସିବାକୁ ନିବେଦନ କରାଯାଇଥିଲା। ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶମ୍ଭୁ ଭୂଷଣ ଦୀପ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲିଙ୍ଗରାଜ ଦଣ୍ଡଆସି, ଶିକ୍ଷା ବିଭାଗର ଅବସରପ୍ରାପ୍ତ ମୁଖ୍ୟ କିରାଣୀ ଡ଼ମନ ପ୍ରସାଦ ମିଶ୍ର, ଅବସରପ୍ରାପ୍ତ ପ୍ରଦୀପ କୁମାର ସାହୁ, ସାମାଜିକ କର୍ମୀ ଘନଶ୍ୟାମ କର, ବାବୁଲାଲ ପଣ୍ଡା, ଉମାଶଙ୍କର ସାହୁ, ଦାମୋଦର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଅଚ୍ୟୁତ ରଣା, ବଶିଷ୍ଠ ସାହୁ, ରାଜେଶ ବାଗ, ଶରତ ରଣା ପ୍ରମୁଖ ସହଯୋଗ କରିଥିଲେ ।

# ମହୋତ୍ସବ ଦ୍ୱାରା କଳା ସଂସ୍କୃତି ଉଜ୍ଜୀବିତ ହୁଏ




ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଅତିଥିଗଣ ।



ଗଞ୍ଜାମର ଯୋଡିଶଙ୍ଖ ।

**ବୌଦ୍ଧ ମହୋତ୍ସବ, ପଲ୍ଲିଶ୍ରୀ ମେଳାର ଦ୍ୱିତୀୟ ସନ୍ଧ୍ୟା**

**ବୌଦ୍ଧ,୩।୧(ଅଜିତ କୁମାର ବାରିକ)**

ପରମ୍ପରା ଓ ସଂସ୍କୃତିର ବାର୍ତ୍ତା ନେଇ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ବୌଦ୍ଧ ମହୋତ୍ସବ, ପଲ୍ଲୀଶ୍ରୀ ମେଳା ଓ ବୟନିକା ହସ୍ତତନ୍ତ ପ୍ରଦର୍ଶନୀର ବୁଧବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଦ୍ୱିତୀୟ ସନ୍ଧ୍ୟାରେ ଆୟୋଜିତ ସଭାରେ ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନମୋହନ ପାତ୍ର ଅଧ୍ୟକ୍ଷତା କରିଥିଲେ । ସଭାରେ ମୁଖ୍ୟଅତିଥି ଭାବେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସମ୍ବଲପୁର ଡ. ସୁରେଶ ଚନ୍ଦ୍ର ଦଲାଇ, ସମ୍ମାନିତ ଅତିଥି ଭାବେ ସୋନପୁର ଜିଲାପାଳ ବିମଳେନ୍ଦୁ ରାୟ, ବୌଦ୍ଧଗଡ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଜିଲା ସଂସ୍କୃତି ଅଧିକାରୀ ଚନ୍ଦ୍ରକାନ୍ତ ବେହେରା ଯୋଗ ଦେଇଥିଲେ। ବୌଦ୍ଧ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ମୁଖ୍ୟଅତିଥି ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଦଲେଇ ମହୋତ୍ସବ ଦ୍ୱାରା କଳା ସଂସ୍କୃତି ଅଧିକ ଉଜ୍ଜିବୀତ ହେବା ସହ ଏହାର ପ୍ରଚାର ପ୍ରସାର ହୋଇପାରିବ। ଏଥିସହ ଏହାଦ୍ୱାରା ଭାବର ଆଦାନ ପ୍ରଦାନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ଏଆରସିଏସ ହାଡିବନ୍ଧୁ ମହାକୁଡ ମଞ୍ଚ ପରିଚାଳନା କରିଥିଲେ। ଜିଲା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାକୁ ଅଧିକ ସରସ ସୁନ୍ଦର କରିବାକୁ ଯୋଡି ହୋଇଛି ବୟନିକାର ରାଜ୍ୟସ୍ତରୀୟ ହସ୍ତତନ୍ତ ପ୍ରଦର୍ଶନୀ । ଦ୍ୱିତୀୟ ସନ୍ଧ୍ୟାରେ ବୌଦ୍ଧର ଆକୃତି ଅନୁଷ୍ଠାନ ପକ୍ଷରୁ ଓଡିଶୀ, ପୁରୀ ବାବା ଗୋରେଖନାଥ ଗୋଟପୁଅ ଡ୍ୟାନ୍ସ ଆସୋସିଏଶନ ପକ୍ଷରୁ ଗୋଟିପୁଅ, ଗଞ୍ଜାମ ନରେନ୍ଦ୍ରପୁର ଲୋକନୃତ୍ୟ ପକ୍ଷରୁ ଯୋଡି ଶଙ୍ଖ, ବୌଦ୍ଧ ସୃଷ୍ଟି ଡ୍ୟାନ୍ସ ଗ୍ରୁପ ପକ୍ଷରୁ ଘୁଡୁକି, ସମ୍ବଲପୁର ପଦ୍ମିନୀ ଦୋରା ଓ ସାଥୀ ପକ୍ଷରୁ ସମ୍ବଲପୁରୀ ଗୀତ, ନାଚ, ଆସାମର ବିହୁ ଡ୍ୟାନ୍ସ ଓ ମହାରାଷ୍ଟ୍ରର ଅମରପାଲି ଲବଣି ଡ୍ୟାନ୍ସ ଗ୍ରୁପ ପକ୍ଷରୁ ଲବଣି ନୃତ୍ୟ ପରିବେଷିତ ହୋଇଥିଲା। ମହୋତ୍ସବରେ ଏଥର ୧୬୦ ଗୋଟି ଷ୍ଟଲ ଖୋଲାଯାଇଛି । ସେଥିମଧ୍ୟରୁ ହସ୍ତଶିଳ୍ପ ୨୫ଗୋଟି ପଲ୍ଲିଶ୍ରୀ ୭୫ ଗୋଟି, ବିଭିନ୍ନ ବିଭାଗୀୟ ଷ୍ଟଲ ୩୦ , ଖାଦ୍ୟ ଷ୍ଟଲ ୨୦ଗୋଟି ଓ ଅନ୍ୟ ଷ୍ଟଲ ମଧ ପ୍ରଦର୍ଶିତ ହୋଇଛି । ମହୋତ୍ସବ ଦେଖିବାକୁ ଲୋକଙ୍କ ପ୍ରବଳ ଗହଳି ଲାଗି ରହୁଛି ।

### ୫ରେ ନୂଆପଡ଼ା ବନ୍ଦ ଡାକରା ନେଇ ପ୍ରସ୍ତୁତି ବୈଠକ

**ସିନାପାଲି,୩।୧(ମନଫୁଲ ମେହେର)**

ନୂଆପଡା ଜିଲାରେ ଧାନ କିଣାରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ କରି ଆସନ୍ତା ୫ତାରିଖ ଭାଜପା ପକ୍ଷରୁ ନୂଆପଡା ଜିଲା ବନ୍ଦ ଡାକରା ଦିଆଯାଇଛି। ଏନେଇ ବୁଧବାର ସିନାପାଲି ପଞ୍ଚାୟତ ସମିତି ବିଶ୍ରାମ ଗୃହଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଧାନ ସଂଗ୍ରହରେ ମହା ଦୁର୍ନୀତି ହେଉଥିବା ବେଳେ ତା'ର ସିବିଆଇ ତଦନ୍ତ ହେଉ ବୋଲି ଦାବି କରିବା ସହିତ ନୂଆପଡ଼ା ଜିଲା ବନ୍ଦକୁ କିଭଳି ସଫଳ କରାଯାଇପାରିବ, ସେନେଇ ବିଶେଷ ଆଲୋଚନା କରାଯାଇଥିଲା। ଉକ୍ତ ବୈଠକରେ ଭାଜପା ଜିଲା ସଭାପତି ସୁବ୍ରତ କୁମାର ଠାକୁରଙ୍କ ସମେତ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିବ ପ୍ରସାଦ ମୁଣ୍ଡ, ପୂର୍ବତନ ଜିଲା ପରିଷଦ ସଦସ୍ୟ ପ୍ରିୟରଞ୍ଜନ ମେହେର, ମଣ୍ଡଳ ସଭାପତି ପ୍ରତାପ ମେହେର, ମାର୍କଣ୍ଡ ଗହୀର, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଡା. ଅରିଗଞ୍ଜନ ଯୋଶୀ, କୃଷକ ମୋର୍ଚ୍ଚା ସଭାପତି ବଳଭଦ୍ର ଧାକଡ଼, ମଣ୍ଡଳ ସମ୍ପାଦକ କୁମ୍ଭ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

## ଓକିଲ ସଂଘ ପକ୍ଷରୁ ନିନ୍ଦା ପ୍ରସ୍ତାବ ପାରିତ

**ପଦ୍ମପୁର,୩।୧ (ପ୍ରଦୀପ୍ତ ଦାଶ )**



ଖବରଦାତା ସମ୍ମିଳନୀରେ ଓକିଲ ସଂଘ ସମ୍ପାଦକ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

ପଦ୍ମପୁରବାସୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚଣ୍ଡକତା କରୁଥିବା ଅଭିଯୋଗ ଆଣି ଓକିଲ ସଂଘ ପକ୍ଷରୁ ବୁଧବାର ଏକ ସାଧାରଣ ବୈଠକ ଡକାଯାଇ ନିନ୍ଦା ପ୍ରସ୍ତାବ ପାରିତ ହୋଇଥିଲା। ଗତ ଉପ ନିର୍ବାଚନ ବିଜୟ ପରେ ମୁଖ୍ୟମନ୍ତ୍ରୀ ଅଞ୍ଚଳବାସୀଙ୍କୁ ଧନ୍ୟବାଦ ଦେବା ସହ ପଦ୍ମପୁରକୁ ଜିଲା ସୁନିଶ୍ଚିତ କରିଥିଲେ। ହେଲେ ତାହା ଭୁଲିଗଲେ। ଆଗାମୀ ଦିନରେ ତାର ଉଚିତ ଜବାବ ଅଞ୍ଚଳବାସୀ ଦେବେ ବୋଲି ଗଣମାଧ୍ୟମକୁ ସଂଘ ସମ୍ପାଦକ ଚିନ୍ମୟ ପଣ୍ଡା ସୂଚନା ଦେଇଥିଲେ। ପରବର୍ତ୍ତୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ପାଇଁ ଆସନ୍ତା ୫ରେ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହେବ। ଏଥିରେ ବହୁ ସଂଖ୍ୟାରେ ଅଞ୍ଚଳବାସୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିବାକୁ ଅନୁରୋଧ କରିଥିଲେ।

### ୫ରେ ଜୁନାଗଡ଼ରେ ସିପିଆଇର ରାଜ୍ୟ ପରିଷଦ ବୈଠକ

**ଜୁନାଗଡ଼,୩।୧(ସୁନୀଲ କୁମାର ସିଂହ)**

କଳାହାଣ୍ଡି ଜିଲା ଜୁନାଗଡ଼ ସହରସ୍ଥିତ ମୋନାର୍କ ପ୍ଲେସଠାରେ ବୁଧବାର ଅପରାହ୍ଣରେ ରାଜ୍ୟ ପରିଷଦ ବୈଠକ ପାଇଁ ସିପିଆଇ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୫ ରୁ ୭ ତିନି ଦିନ ଧରି ଜୁନାଗଡ଼ ସହର ମୋନାର୍କ ପ୍ଲେସଠାରେ ସିପିଆଇର ରାଜ୍ୟ ପରିଷଦ ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ଏହି ବୈଠକରେ ଜାତୀୟ ସମ୍ପାଦକ, ଜାତୀୟ ପରିଷଦ ସଦସ୍ୟ,ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ, ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ଓ ରାଜ୍ୟ ପରିଷଦ ସଦସ୍ୟ ଯୋଗ ଦେବେ। ସେହିପରି ବୈଠକରେ ସାମ୍ପ୍ରତିକ ଜାତୀୟ, ରାଜ୍ୟ ଓ ଜିଲାର ରାଜନୈତିକ ଓ ଅର୍ଥନୈତିକ ପରିସ୍ଥିତି ସମ୍ପର୍କରେ ଆଲୋଚନା କରାଯିବ ବୋଲି ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ସିପିଆଇର ରାଜ୍ୟ ସମ୍ପାଦକ ଅଭୟ କୁମାର ସାହୁ, ଜୟନ୍ତ ଦାଶ, ବରିଷ୍ଠ ନେତା ଦାମୋଦର ବେହେରା, ପୂର୍ବତନ ଜିଲା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଜିଲା ସମ୍ପାଦକ ଅକ୍ଷୟ ମେହେର, ଜିଲା ସହ ସମ୍ପାଦକ ଜଗଦୀଶ ଦୁର୍ଗା, ସଞ୍ଜୟ ସୁନାନୀ ପ୍ରମୁଖ ଯୋଗଦେଇଥିଲେ। ସେମାନେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ ବର୍ଷିଥିଲେ। ଜଳ, ଜମି, ଜଙ୍ଗଲକୁ ଶିଳ୍ପ ହାତରେ ଟେକି ଦେବା, ଦାଦନ, ବେକାରୀ, ଦରଦାମ ବୃଦ୍ଧି ଆଦି ପ୍ରସଙ୍ଗରେ ମଧ୍ୟ ସରକାରଙ୍କୁ ଦାୟୀ କରି ବର୍ଷିଥିଲେ। ଆଗାମୀ ଦିନରେ ଭାଜପା ନେତୃତ୍ୱଧୀନ କେନ୍ଦ୍ର ସରକାର ଓ ବିଜେଡ଼ି ନେତୃତାଧୀନ ରାଜ୍ୟ ସରକାରକୁ ବିରୋଧ କରାଯିବା ସହ ସିପିଆଇ ଇଣ୍ଡିଆମେଣ୍ଟରେ ରହିବ ବୋଲି ପ୍ରକାଶ କରିଥିଲେ।

## ବସୁଦେବଙ୍କୁ ଶ୍ରୀକ୍ଷେତ୍ର କଳା ରତ୍ନ ସମ୍ମାନ

**ବରପାଲି,୩।୧(ଚିତ୍ତରଞ୍ଜନ ସାହୁ)**

ରାଜ୍ୟ ସ୍ତରୀୟ ଶ୍ରୀ କ୍ଷେତ୍ର ମହୋତ୍ସବ ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ବନ୍ଦେ ଉତ୍କଳ ଲୋକକଳା ଓ ରାଜ୍ୟ ଲୋକ ସଂସ୍କୃତି ମହାସଂଘ ପକ୍ଷରୁ ଅନୁଷ୍ଠିତ ଉତ୍ସବରେ ବରଗଡ ଜିଲା ବରପାଲି ବ୍ଲକ ବଡ଼ଗାଁ ଗ୍ରାମର ବସୁଦେବ ପଧାନଙ୍କୁ ଗାନ୍ଧବୀୟ ଅନୁଚିନ୍ତାର ସଶକ୍ତ ପ୍ରତିଧ୍ୱନି କଳାକାର ପ୍ରତିଷ୍ଠା ପାଇଁ ରାଜ୍ୟସ୍ତରୀୟ ଶ୍ରୀ କ୍ଷେତ୍ର କଳାରତ୍ନ ସମ୍ମାନରେ ସମ୍ମାନିତ କରାଯାଇଛି। କେନ୍ଦ୍ର ଜଳସମ୍ପଦ ଓ ଆଦିବାସୀ କଲ୍ୟାଣ ମନ୍ତ୍ରୀ ବିଶେଶ୍ୱର ଟୁଡୁ, ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ବସୁଦେବ ପଧାନଙ୍କୁ ସମ୍ମାନିତ କରିଥିଲେ। ପଧାନ ଏହି ସମ୍ମାନ ପାଇଥିବାରୁ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।




ବାସୁଦେବଙ୍କୁ ସମ୍ମାନିତ କରାଯାଉଛି।

## ବରଗଡ଼ରେ ଜିଲାସ୍ତରୀୟ କ୍ରୀଡ଼ା ଉତ୍ସବ




ଜିଲାସ୍ତରୀୟ କ୍ରୀଡା ଉତ୍ସବରେ ଯୋଗ ଦେଇଥିବା ଅତିଥିବୃନ୍ଦ।

**ବରଗଡ଼,୩।୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟ ପ୍ରାଙ୍ଗଣରେ ନବୀନ ଓଡ଼ିଶା, ଯୁବ ଓଡ଼ଶା କାର୍ଯ୍ୟକ୍ରମର ଜିଲାସ୍ତରୀୟ କ୍ରୀଡା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ମୁଖ୍ୟ ଅତିଥି, ବିଧାୟକ ଦେବେଶ ଆଚାର୍ଯ୍ୟ, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ସାଧୁ ନେପାକ, ଜିଲା ପରିଷଦ ଅଧକ୍ଷା ମାନିନୀ ଭୋଇ, ମ୍ୟୁନିସିପାଲଟି ଅଧକ୍ଷା କଳ୍ପନା ମାଝି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଜିଲାପାଳ ମୋନିଷା ବାନାର୍ଜୀ ଏଥିରେ ସଭାପତିତ୍ୱ କରିଥିଲେ। ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦିତ୍ୟ ଗୋଏଲଙ୍କ ତତ୍ତ୍ୱାବଧାନରେ ଜିଲା କ୍ରୀଡା ଅଧିକାରୀ ତୁଷାରକାନ୍ତି ମିଶ୍ର କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଏହି ଅବସରରେ ପଞ୍ଚାୟତ ମହାବିଦ୍ୟାଳୟ ଅଧ୍ୟକ୍ଷ ପତିତପାବନ ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ମଞ୍ଚାସୀନ ଥିଲେ। ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ, କର୍ମଚାରୀ, ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ଏବଂ ବିଭିନ୍ନ କଲେଜରେ ବ୍ଲକ ସ୍ତରରେ କୃତିତ୍ୱ ଅର୍ଜନ କରିଥିବା ଖେଳାଳିମାନେ ଯୋଗ ଦେଇଥିଲେ ।

## ମା' ସାରଦା ଦେବୀଙ୍କ ଜୟନ୍ତୀ ପାଳିତ

**ଏମ.ରାମପୁର,୩।୧(ଶଶୀଭୂଷଣ ପ୍ରହରାଜ)**

କଳାହାଣ୍ଡି ଜିଲା ଏମ. ରାମପୁରରେ ସୁପ୍ରତିଷ୍ଠିତ ଶ୍ରୀରାମକୃଷ୍ଣ ଆଶ୍ରମ ପରିସରରେ ବୁଧବାର ମା' ସାରଦା ଦେବୀଙ୍କ ୧୭୧ତମ ଜୟନ୍ତୀ ପାଳିତ ହୋଇଯାଇଛି। ଆଶ୍ରମ ଅନ୍ତେବାସୀ, ବିବେକାନନ୍ଦ ବିଦ୍ୟାଳୟ ଛାତ୍ରୀଛାତ୍ର, ସାଧୁ, ଭକ୍ତ ଗହଣରେ ଜୟନ୍ତୀ ଉତ୍ସବ ପାଳିତ ହୋଇଥିଲା। ପ୍ରାତଃ କାଳେ ଆରତୀ, ହୋମ, ଯଜ୍ଞ ଅନୁଷ୍ଠିତ ହେଇଥିଲା। ପୂର୍ବାହ୍ଣ ୧୧ଟାରେ ଆଧ୍ୟାତ୍ମିକ ସଭା ଆୟୋଜିତ ହୋଇଥିଲା। ଆଶ୍ରମ ସମ୍ପାଦକ ସ୍ୱାମୀ ଅଶୋକାନନ୍ଦ ମହାରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆଶ୍ରମ ଶୁଭେଚ୍ଛୁ ବଟକୃଷ୍ଣ ପ୍ରଧାନ ଅତିଥି ପରିଚୟ କରିଥିଲେ। ଭୁବନେଶ୍ୱରର ପ୍ରତିଷ୍ଠିତ ଉଦ୍ୟୋଗପତି ପ୍ରତାପ ସାହୁ ମୁଖ୍ୟ ଅତିଥି, କବୟିତ୍ରୀ ସରସ୍ୱତୀ ମିଶ୍ର ମୁଖ୍ୟବକ୍ତା, ବିବେକାନନ୍ଦ ବିଦ୍ୟାଳୟ ଅଧ୍ୟକ୍ଷ ସୁରେନ୍ଦ୍ର ମହାଖୁଡ, ଆଶ୍ରମ ସାଧୁ ସ୍ୱାମୀ ବିରେଶାନନ୍ଦ, ଆଶ୍ରମ ସାଧୁ ସ୍ୱାମୀ ସୁକାଦେଭାନନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମା' ସାରଦା ସାଧାରଣ ଘରେ ଜନ୍ମି ଅସାଧାରଣ କର୍ଯ୍ୟକରି ସମାଜ ସଂସ୍କାର କରିଛନ୍ତି।

### ୫-ଟି ଅଧକ୍ଷଙ୍କୁ ଭେଟିଲେ ଦିବଂଗତ ବିଜେଡି ନେତାଙ୍କ ସ୍ତ୍ରୀ

**ପଦ୍ମପୁର, ୩।୧ (ପ୍ରଦୀପ୍ତ ଦାଶ)**

ବରଗଡ ଜିଲା ପଦ୍ମପୁର ଅଞ୍ଚଳର ଦିବଂଗତ ବିଜୁ ଜନତା ଦଳର ନେତା ମହେନ୍ଦ୍ର ବଡେଇଙ୍କ ସ୍ତ୍ରୀ ମଞ୍ଜୁଶ୍ରୀ ବଡେଇ ନୂତନ ବର୍ଷର ଅଭିନନ୍ଦନ ଜଣାଇବାକୁ ବୁଧବାର ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ତାଙ୍କ ସହ ଝିଅ ଡା. ରୋମାଞ୍ଚିଳି ବଡ଼େଇ ଉପସ୍ଥିତ ଥିଲେ। ସୌଜନ୍ୟମୂଳକ ସାକ୍ଷାତ ହୋଇଥିଲେ ସୁଦ୍ଧା ରାଜନୀତି ସମୀକ୍ଷକମାନେ ଏହାକୁ ସହଜେ ହଜମ କରିପାରୁନାହାନ୍ତି। ଏକଦା କୁଲିତା ଜାତିର ସଙ୍ଗଠନକୁ ମଜବୁତ କରି ବିଭିନ୍ନ ସଙ୍ଗଠନ ସହ ସଂଶ୍ଲିଷ୍ଟ ରହି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ମହେନ୍ଦ୍ର।



୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସହିତ ସ୍ୱର୍ଗତ ବଡେଇଙ୍କ ସ୍ତ୍ରୀ ଓ ଝିଅ।

## ପେ' ପ୍ରୋଟେକ୍ସନ ପ୍ରାପ୍ୟ ପ୍ରଦାନ କର

**ଅବସର ଗ୍ରହଣ କରିଥିବା ଚକବନ୍ଦୀ ଠିକା କର୍ମଚାରୀଙ୍କ ଦାବି**

**ବରଗଡ଼,୩।୧(ପ୍ରେମାନନ୍ଦ ଖମାରୀ)**



ପେ ପ୍ରୋଟେକ୍ସନ ପ୍ରାପ୍ୟ ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା କର୍ମଚାରୀବୃନ୍ଦ ।

ବରଗଡ଼ ଜିଲା ଚକବନ୍ଦୀ ସଂସ୍ଥାରେ କାମ କରି ଅବସର ଗ୍ରହଣ କରିଥିବା ଠିକା କର୍ମଚାରୀମାନେ ପେ ପ୍ରୋଟେକ୍ସନ ପ୍ରାପ୍ୟ ପ୍ରଦାନ ଦାବି କରିଛନ୍ତି। ଏହି ଦାବି ନେଇ ବୁଧବାର ସମ୍ପୃକ୍ତ କର୍ମଚାରୀମାନେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଫେରାଦ ହୋଇଥିଲେ। ସେମାନେ ଜିଲାପାଳ ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ ରହିଛି, ସମ୍ପୃକ୍ତ କର୍ମଚାରୀମାନେ ଠିକା କର୍ମଚାରୀଭାବେ କାର୍ଯ୍ୟ ଆରମ୍ଭ କରିଥିଲେଥ। ପରବର୍ତ୍ତୀ ସମୟରେ ସେମାନଙ୍କ ଚାକିରିକୁ ସ୍ଥାୟୀ କରାଯାଇଥିଲା। କିନ୍ତୁ ଠିକା କର୍ମଚାରୀ ପାଉଥିବା ଦରମାକୁ ପ୍ରୋଟେକ୍ସନ କରାଯାଇ ନ ଥିଲା ଏବଂ ସ୍ଥାୟୀ ପଦବୀର ମୂଳ ଦରମାରେ ନିୟୁକ୍ତି ଦିଆଯାଇଥିଲା। ଅନ୍ୟପକ୍ଷେ ଆବଶ୍ୟକ ଇନକ୍ରିମେଣ୍ଟ ଦେଇ ଦରମା ପୁନଃ ନିର୍ଦ୍ଧାରଣ କରାଯାଇ କର୍ମଚାରୀମାନଙ୍କୁ ତାହା ପ୍ରଦାନ ପାଇଁ ଅତିରିକ୍ତ ଶାସନ ସଚିବ(ରାଜସ୍ୱ ବିଭାଗ)ପତ୍ରସଂଖ୍ୟା- ୩୯୦୫୭/ତା୧୮।୧୧।୨୨ରିଖରେ ନିର୍ଦ୍ଦେଶ ଦେଇଥିବା ସମ୍ପୃକ୍ତ କର୍ମଚାରୀମାନେ କହିଛନ୍ତି। ସେହିପରି ଏହି କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧେ ମାସିକ ରିପୋର୍ଟ ପ୍ରେରଣ ସହିତ ସମସ୍ତ ପ୍ରକ୍ରିୟାକୁ ୪ମାସ ମଧ୍ୟରେ ସମାପନ କରିବା ପାଇଁ ସମସ୍ତ ଜିଲାପାଳମାନଙ୍କୁ ମଧ୍ୟ ଯୁଗ୍ମ ସଚିବ ଅବଗତ କରି ସାରିଛନ୍ତି ବୋଲି କର୍ମଚାରୀମାନେ କହିଛନ୍ତି। ହେଲେ ଏ ପର୍ଯ୍ୟନ୍ତ ସେ ଦିଗରେ କିଛି ସୁଫଳ ମିଳି ନଥିବା ଅଭିଯୋଗ କରି କର୍ମଚାରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସମ୍ପୃକ୍ତ କର୍ମଚାରୀଙ୍କ ମଧ୍ୟରୁ ଅଧିକାଂଶ ବାର୍ଦ୍ଧକ୍ୟଜନିତ କାରଣରୁ ଶଯ୍ୟାଶାୟୀ ହୋଇପଡ଼ିଥିବାବେଳେ କେତେକ କର୍ମଚାରୀଙ୍କ ମଧ୍ୟ ମୃତ୍ୟୁ ହୋଇସାରିଛି। ଫଳରେ ପେ ପ୍ରୋଟେକ୍ସନ ପ୍ରାପ୍ୟ ପ୍ରଦାନ ଦିଗରେ ବିଳମ୍ବ କରା ନଯାଇ ତାହା ପ୍ରଦାନ କରିବା ଦିଗରେ ତ୍ୱରିତ୍ ପଦକ୍ଷେପ ନେବା ପାଇଁ ଜିଲାପାଳଙ୍କୁ ନିବେଦନ କରାଯାଇଛି। ପବିତ୍ର ମୋହନ ପ୍ରଧାନ, ପରମେଶ୍ୱର ଭୋଇ, ଲକ୍ଷ୍ମଣ ବରିହା, ନିରଞ୍ଜନ ସାହୁ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ ଅଫିସକୁ ଆସିଥିଲେ।

## ସଂକ୍ଷେପରେ

### ମୃତ ଶ୍ରମିକଙ୍କ ପାଖରେ ପହଞ୍ଚିନି ଶ୍ରମ ବିଭାଗ

**ଲାଠୋର, ୩।୧(ଭୁବନେଶ୍ୱର ବାରିକ):** ବିଜୟନଗରମରେ ମୃତ ବଲାଙ୍ଗୀର ଜିଲା ଲାଠୋର ଥାନା ଅଧିନ ଚହକପଡ଼ା ଗ୍ରାମର ଦାଦନ ଶ୍ରମିକ ଧବଳେଶ୍ୱର ଘିବେଲାଙ୍କ ଶୁକ୍ରବାର ଗ୍ରାମରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତିନିଦିନ ବିତିଯାଇଥିଲେ ବି ଶ୍ରମ ବିଭାଗ ମୃତ ଶ୍ରମିକ ପରିବାର ପାଖରେ ପହଞ୍ଚି ନାହିଁ। ଏପରିକି ଘଟଣାର କୌଣସି ପ୍ରକାର ତଦନ୍ତ କରିନି କି ଶ୍ରମିକ ଚାଲାଣ କରିଥିବା ଦାଦନ ସର୍ଦ୍ଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। କିଛିଦିନ ତଳେ ବେଲପଡ଼ା ବ୍ଲକର ଜଣେ ଦାଦନ ସର୍ଦ୍ଦାର ଧବଳେଶ୍ୱରଙ୍କ ପରିବାର ସଦସ୍ୟଙ୍କୁ ବିଜୟନଗରମସ୍ଥିତ ମୁରଲି ନାମକ ଜଣେ ଇଟାଭାଟି ମାଲିକଙ୍କ ପାଖରେ ନିୟୋଜିତ କରିଥିଲେ। ସେଠାରେ ରୋଗାକ୍ରାନ୍ତ ଧବଳେଶ୍ୱରଙ୍କର ଉପଯୁକ୍ତ ଚିକିତ୍ସା ଅଭାବରୁ ମୃତ୍ୟୁ ଘଟିଥିଲା। ତାଙ୍କ ପରିବାରକୁ କୌଣସି ସହାୟତା ନକରି ଇଟାଭାଟି ମାଲିକ ଏକ ଆମ୍ବୁଲାନ୍ସ ଯୋଗେ ମୃତଦେହ ଚହକପଡ଼ା ପଠେଇ ଦେଇଥିଲେ। ଏ ନେଇ ଖବର ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲେ ହେଁ ଶ୍ରମ ବିଭାଗ କୌଣସି ସମବେଦନା ଜଣାଇନାହିଁ। ପୁଣି ସମ୍ପୃକ୍ତ ସର୍ଦ୍ଦାରଙ୍କ ଦ୍ୱାରା ବିଜୟନଗରମ ଇଟାଭାଟିକୁ ଯାଇଥିବା ପାଟଣାଗଡ଼ ଥାନା ଆମ୍ବପାଲି ଗ୍ରାମର ଆଉ ଜଣେ ଦାଦନ ଶ୍ରମିକ ଗଜାନନ ଷାଣ୍ଢଙ୍କର ମୃତଦେହ ଗାଁରେ ସୋମବାର ପହଞ୍ଚିଛି। ତଦନ୍ତରେ ବିଳମ୍ବ ଯୋଗୁ ସମ୍ପୃକ୍ତ ସର୍ଦ୍ଦାର ଏବେ ଫେରାର ହୋଇଯାଇଛନ୍ତି। ଏନେଇ ଜିଲା ଶ୍ରମ ଅଧିକାରୀ ସୁକାନ୍ତ ସେଠୀଙ୍କୁ ପଚାରିବାରୁ କାର୍ଯ୍ୟବ୍ୟସ୍ତତା ଯୋଗୁ ଘଟଣାର ତଦନ୍ତ କରାଯାଇ ପାରିନାହିଁ। ମଙ୍ଗଳବାର ଆମ୍ବପାଲି ଘଟଣାର ତଦନ୍ତ ହେଉଛ, ବୁଧବାର ନିଶ୍ଚିତ ଭାବେ ଚହକପଡ଼ା ଘଟଣାର ତଦନ୍ତ ହେବ ବୋଲି ସେ କହିଥିଲେ।

### ନୂଆ-ଓ ପ୍ରତିଯୋଗୀ ପୁରସ୍କୃତ

**ଟିଟିଲାଗଡ଼, ୩।୧(ଶରତ ମିଶ୍ର):** ଟିଟିଲାଗଡ଼ ପୌର ପରିଷଦ ପକ୍ଷରୁ ନୂଆ-ଓ ଯୋଜନାରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ଏହି ଅବସରରେ ସ୍ଥାନୀୟ ରାଜକନୱର ପାର୍କ ପରିସରରେ ଅନୁଷ୍ଠିତ ସମାରୋହରେ ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କ୍ରିକେଟ ପୁରୁଷ ବର୍ଗରେ ସହରର ଭିଏନସିସି ଚାମ୍ପିୟନ, ନେହେରୁ ନଗର ୨ୟ, ଫାୟାର ୩ୟ, ପ୍ରଭାବତୀ ୪ର୍ଥଙ୍କୁ ମନ୍ତ୍ରୀ ଯଥାକ୍ରମେ ୨୦ ହଜାର, ୧୫ହଜାର ଏବଂ ୧୦ହଜାର ଟଙ୍କା ଲେଖାଏ ଅର୍ଥ ରାଶି ପ୍ରଦାନ କରିଥିଲେ। ସେହିପରି ଭଲିବଲ(ପୁରୁଷ)ରେ ଫାୟାର ଚାମ୍ପିୟନ, ଡ଼ିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟ ୨ୟ, ନେତାଜୀ କ୍ଲବ ୩ୟ, ୟୁଏସପି କ୍ଲବ ୪ର୍ଥ, ଫୁଟବଲ (ପୁରୁଷ)ପ୍ରିୟାଂଶ ଏଫସି ଚାମ୍ପିୟନ, ୟୁଏସସିଏଫସି ୨ୟ, ଟାଇଗର ୩ୟ, ନେତାଜୀ ଯୁବକ ସଂଘ ୪ର୍ଥ, କବାଡି(ମହିଳା) ୱାରିୱାର୍ସ ଚାମ୍ପିୟନ, ଏମଏସ ଫିଜିକାଲ ଏକାଡେମୀ ୨ୟ, ମହିଳା ମହାବିଦ୍ୟାଳୟ ୩ୟ, ହକି ପୁରୁଷ ଏମ୍‌ଏସ୍‌ପି ଏକାଡେମୀ ଚାମ୍ପିୟନ, କବାଡି(ପୁରୁଷ) ଏମଏସ ଏକାଡେମୀ ଚାମ୍ପିୟନ, ଜୟ ଟିଟିଲାଗଡ଼ ୨ୟ, ଏଭିଏସ ୩ୟ, ପ୍ରଭାବତୀ ପବ୍ଲିକ ସ୍କୁଲ ୪ର୍ଥ, ଖୋଖୋ(ପୁରୁଷ) ରସର୍ସ ଚାମ୍ପିୟନ, ଏନୱାଇଏସ କ୍ଲବ ୨ୟ, ଟିମ ୟଙ୍ଗଷ୍ଟାର ୩ୟ, ଜୁନିୟର ଲସ୍କର ୪ର୍ଥ ପୁରସ୍କୃତ ହୋଇଥିଲେ।





ସୁନ୍ଦରଗଡ଼ ଜିଲା ଯତରା ମହୋତ୍ସବର ତୃତୀୟ ସନ୍ଧ୍ୟାରେ କଳାକାରମାନେ ଡାଲଖାଇ ନୃତ୍ୟ ଓ କଳାହାଣ୍ଡିର ବାଜାସାଲ ନୃତ୍ୟ ପରିବେଷଣ କରୁଛନ୍ତି।

# ମନମୋହିଲା କରୋପୁଟର ଢେମସା ନୃତ୍ୟ

**ଯତରାର ୩ୟ ଦିବସ**

**ସୁନ୍ଦରଗଡ଼, ୩।୧(ଜୟ ନାରାୟଣ ମେଣ୍ଟୁଲି)**

ଯତରା ମହୋତ୍ସବର ତୃତୀୟ ସଂଧ୍ୟା ବେଶ୍ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଶେଷ ହୋଇଛି। ରାଜସ୍ଥାନର କାଲବେଲିୟା, କୋରାପୁଟର ଢେମସା, ପୁରୀର ଫେଟ ଫାଇଟର ଦଳ ଦ୍ୱାରା ମାଲଖମ୍ବ, ଆସାମର ବିହୁ ନୃତ୍ୟ, ପଞ୍ଜାବର ଭାଙ୍ଗଡା ନୃତ୍ୟ, କଳାହାଣ୍ଡିର ବାଜାସାଲ ନୃତ୍ୟ ଏବଂ ଖୋର୍ଦ୍ଧାର କଳିଙ୍ଗ ପାଇକ କ୍ରିଏସନ୍ ଦ୍ୱାରା ପାଇକ ଆଖଡ଼ା ପରିବେଷଣ କରାଯାଇଥିଲା। ସବୁଠାରୁ କୋରାପୁଟର ଢେମସା ଓ ଆସାମର ବିହୁ ନୃତ୍ୟ ଧମାଲ କରିଥିଲା। ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଜିଲା ଟପ୍ପର ସୁଶ୍ରୀ ବିଦୁସ୍ମିତା ପତି ଏବଂ ଯୁକ୍ତ ୨ କଳାରେ ଜିଲା ଟପ୍ପର ସୁଶ୍ରୀ ମଞ୍ଜୁଲତା ରଣା, ବିଜ୍ଞାନରେ ଜିଲା ଟପ୍ପର ସୁଶ୍ରୀ ରୀଙ୍କୁ ନାୟକ ଏବଂ ବାଣିଜ୍ୟରେ ଜିଲା ଟପ୍ପର ସୁଶ୍ରୀ କାଞ୍ଚନ ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜନସାଧାରଣ ପଲ୍ଲୀଶ୍ରୀ ମେଳାରେ ବିଭିନ୍ନ ସାମଗ୍ରୀ କିଣିବା ସହିତ ଫୁଡ୍ କୋର୍ଟରେ ବିଭିନ୍ନ ବ୍ୟଞ୍ଜନର ମଜା ନେଇଥିଲେ।କୋରାପୁଟର ଢେମସା ନୃତ୍ୟର ତାଳେ ତାଳେ ଦର୍ଶକ ଝୁମିଥିଲେ। ଡିଏମଏଫର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଷମା ବିଲୁଙ୍ଗ, ସୁନ୍ଦରଗଡ଼ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧ୍ୟକ୍ଷା ସୁଶୀଳା ଟପ୍ପୋ, ଜିଲା ପରିଷଦ ଉପାଧ୍ୟକ୍ଷ କମଳ ଲାକ୍ରା, ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ବିଶେଷଜ୍ଞ ସଭ୍ୟ ବୈକୁଣ୍ଠ ନାୟକ ଅତିଥି ଭାବେ ଯୋଗ ଦେଇଥିଲେ।

### ଭିଜିଲାନ୍ସ ବିଭାଗରେ ଲିଖିତ ଅଭିଯୋଗ କଲା କଂଗ୍ରେସ

**ଭବାନୀପାଟଣା,୩।୧(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଚିଟୈଗୁଡା ମଣ୍ଡିରେ ଧାନ କିଣା ଅନିୟମିତତାକୁ ନେଇ ବୁଧବାର ସ୍ଥାନୀୟ ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରତିନିଧି ଦଳ ଜିଲା ଖାଦ୍ୟ ଯୋଗାଣ ଅଧିକାରୀ, ଭିଜିଲାନ୍ସ ବିଭାଗ ଓ ସମବାୟ ଜିଲା ନିବନ୍ଧକଙ୍କୁ ଫେରାଦ ହୋଇଛନ୍ତି। ସେମାନେ ଏ ବିଷୟରେ ଏକ ଲିଖିତ ଅଭିଯୋଗପତ୍ର ମଧ୍ୟ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗତ ଡିସେମ୍ବର ୨୬ରେ କଂଗ୍ରେସ ଦଳର ଏକ ରାଜ୍ୟସ୍ତରୀୟ ପ୍ରତିନିଧି ଦଳ ଚିଟୈଗୁଡା ମଣ୍ଡିକୁ ପରିଦର୍ଶନ କରିଥିଲେ। ଏହି ସମୟରେ ଧାନ ଓଜନ ମେଶିନରେ ଠକେଇ ଯୋଗୁ କୁଇଣ୍ଟାଲ ପିଛା ୬ କେଜି ମେଶିନରେ କମ ଦେଖାଉଥିବା ଚାଷୀମାନେ ଅଭିଯୋଗ କରିଥିଲେ। ଏହା ପରେ ଅଭିଯୋଗକୁ ପ୍ରମାଣ କରିବା ପାଇଁ କଂଗ୍ରେସ ପ୍ରତିନିଧି ଦଳ ତୁରନ୍ତ ଓଜନ ମେଶିନକୁ ପରୀକ୍ଷା କରିଥିଲେ। ପରୀକ୍ଷା ସମୟରେ ମଧ୍ୟ ଏହି ଠକେଇ ବିଷୟରେ ଜଣାପଡିଥିଲା।

## ଆନୁଆଲ ମାଇନ୍ସ ସେଫ୍ଟି ୱୁଇକ ସେଲିବ୍ରେଶନ ଉଦ୍‌ଯାପିତ

**ଟେନ୍‌ସା,୩।୧(ସମୀର କୁମାର ପାଢୀ)**

ଭୁବନେଶ୍ୱରସ୍ଥିତ ଡାଇରେକ୍ଟର ଜେନେରାଲ ମାଇନ୍ସ ସେଫ୍ଟି ପକ୍ଷରୁ ୪୧ତମ ଆନୁଆଲ ମାଇନ୍ସ ସେଫ୍ଟି ୱୁଇକ ସେଲିବ୍ରେସନ ୨୦୨୩ ଟେନ୍‌ସା ଇସ୍ତଫା ଷ୍ଟାଡିୟମରେ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମାଇନ୍ସ ସେଫ୍ଟି ନିର୍ଦ୍ଦେଶକ କ୍ରମେ ବରସୁଆଁ ଲୌହଖଣି (ସେଲ) ଓ ଜିନ୍ଦଲ ଟିଆର୍‌ବି ଖଣିର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡାଇରେକ୍ଟର ଜେନେରାଲ ମାଇନ୍ସର ଜୋନ – ୨ରେ କୋଇଡା ଓ ଯୋଡ଼ା ମାଇନିଂ ସେକ୍ଟରରେ ଥିବା ୫୦ଟି ଖଣି ଅଂଶ ଗ୍ରହଣ କରିଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ମାଇନ୍ସ ସେଫ୍ଟିର ପ୍ରଫୁଲ୍ଲ ରଞ୍ଜନ ଠାକୁର, ଡେପୁଟି ଡାଇରେକ୍ଟର ଜେନେରାଲ ମାଇନ୍ସ ସେଫ୍ଟିର ଉଲିମେଶ ଶିବ ଶଙ୍କର, ଟେନ୍‌ସା ଜିନ୍ଦଲ ଖଣି ୟୁନିଟି ହେଡ କମଳାକାନ୍ତ ନନ୍ଦ, ବରସୁଆଁ ଲୌହଖଣି (ସେଲ )ର ଜେନେରାଲ ମ୍ୟାନେଜର ତିଳକ ପଟ୍ଟନାୟକ, ରୁଙ୍ଗୁଟା ଖଣିର ସଭାପତି ଅନନ୍ତ ଶଙ୍କର ମହାପାତ୍ର, ଟାଟା ଷ୍ଟିଲ ଯୋଡା ଖଣିର ରାଜେଶ କୁମାର, ଜିନ୍ଦଲ କାଶିଆ ଖଣିର ଆର୍‌ଏସ ରଘୁବଂଶୀ, ସେଲ ବଲାଣୀ ଖଣିର ଆର୍‌କେ ଚାଟାର୍ଜୀ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରଥମେ ବିଭିନ୍ନ ଖଣିରେ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ଶ୍ରମିକଙ୍କ ଉଦ୍ଦେଶ୍ୟରେ ପୁଷ୍ପ ମାଲ୍ୟ ଦିଆଯାଇଥିଲା। ବିଭିନ୍ନ ବିଭାଗ ପାଇଁ ଭିନ୍ନ ଭିନ୍ନ ଖଣିକୁ ପୁରସ୍କୃତ କରାଯାଇଥିଲା। ବେଷ୍ଟ ଖଣି, ଷ୍ଟଲ, ପବ୍ଲିକ ପ୍ରୋପାଗଣ୍ଡା, ହଲରୋଡ, ୱାର୍କକିଙ୍ଗ, କୁଇଜ, ବେଷ୍ଟ ମଡେଲ ଆଦି ବିଭିନ୍ନ ବିଭାଗରେ ରୁଙ୍ଗୁଟା, ଜିନ୍ଦଲ, ସେଲ, ଜେଏସଡବ୍ଲ୍ୟୁ, ମିତଲ,ବେଦାନ୍ତ ଆଦି ଖଣି ଗୁଡିକୁ ପୁରସ୍କୃତ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଜିନ୍ଦଲ ଖଣିର ଅଭିମନ୍ୟୁ ସାମଲ, ଏ. ପି ବିଶ୍ୱାଳ, କେଶବା ନନ୍ଦ ଘଡାଇ, ସୁଦାମ ମହାକୁଡ଼, ଏସଏସ ବିଶ୍ୱାଳ, ପି.କେ ନାୟକ ସେହିପରି ବରସୁଆଁଲୌହ ପକ୍ଷରୁ ସୁନନ୍ଦ ପରିଡା, ଅମୀୟ ରଞ୍ଜନ ରାଉତ, ଘନଶ୍ୟାମ ପଲାଇ, ରାଜେଶ କୁମାର,ଡା. ଏ. ପି ପଣ୍ଡା ପରିଚାଳନା କରିଥିଲେ। ଭଗବାନ ନାଏକ, ରାଜେଶ ମିଶ୍ର ମଞ୍ଚ ପରିଚାଳନା କରିଥିବାବେଳେ ଜେନେରାଲ ମ୍ୟାନେଜର ପି.ସି ବରୁଆ ଧନ୍ୟବାଦ ଦେଇଥିଲେ। କୁନିକୁନି ପିଲାଙ୍କ ଦ୍ୱାର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମଚାରୀ ଓ ଅନ୍ୟମାନେ।

## ପେ’ ପ୍ରୋଟେକ୍ସନ ପ୍ରାପ୍ୟ ପ୍ରଦାନ କର

**ବରଗଡ଼,୩।୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଚକବନ୍ଦୀ ସଂସ୍ଥାରେ କାମ କରି ଅବସର ଗ୍ରହଣ କରିଥିବା ଠିକା କର୍ମଚାରୀମାନେ ପେ ପ୍ରୋଟେକ୍ସନ ପ୍ରାପ୍ୟ ପ୍ରଦାନ ଦାବି କରିଛନ୍ତି। ଏହି ଦାବି ନେଇ ବୁଧବାର ସମ୍ପୃକ୍ତ କର୍ମଚାରୀମାନେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଫେରାଦ ହୋଇଥିଲେ। ସେମାନେ ଜିଲାପାଳ ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ ରହିଛି, ସମ୍ପୃକ୍ତ କର୍ମଚାରୀମାନେ ଠିକା କର୍ମଚାରୀଭାବେ କାର୍ଯ୍ୟ ଆରମ୍ଭ କରିଥିଲେଥ। ପରବର୍ତ୍ତୀ ସମୟରେ ସେମାନଙ୍କ ଚାକିରିକୁ ସ୍ଥାୟୀ କରାଯାଇଥିଲା। କିନ୍ତୁ ଠିକା କର୍ମଚାରୀ ପାଉଥିବା ଦରମାକୁ ପ୍ରୋଟେକ୍ସନ କରାଯାଇ ନ ଥିଲା ଏବଂ ସ୍ଥାୟୀ ପଦବୀର ମୂଳ ଦରମାରେ ନିଯୁକ୍ତି ଦିଆଯାଇଥିଲା। ଅନ୍ୟପକ୍ଷେ ଆବଶ୍ୟକ ଇନକ୍ରିମେଣ୍ଟ ଦେଇ ଦରମା ପୁନଃ ନିର୍ଦ୍ଧାରଣ କରାଯାଇ କର୍ମଚାରୀମାନଙ୍କୁ ତାହା ପ୍ରଦାନ ପାଇଁ ଅତିରିକ୍ତ ଶାସନ ସଚିବ(ରାଜସ୍ୱ ବିଭାଗ)ପତ୍ରସଂଖ୍ୟା–୩୯୦୫୭/ତା୧୮।୧୧।୨୨ରିଖରେ ନିର୍ଦ୍ଦେଶ ଦେଇଥିବା ସମ୍ପୃକ୍ତ କର୍ମଚାରୀମାନେ କହିଛନ୍ତି। ସେହିପରି ଏହି କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧେ ମାସିକ ରିପୋର୍ଟ ପ୍ରେରଣ ସହିତ ସମସ୍ତ ପ୍ରକ୍ରିୟାକୁ ୪ମାସ ମଧ୍ୟରେ ସମାପନ କରିବା ପାଇଁ ସମସ୍ତ ଜିଲାପାଳମାନଙ୍କୁ ମଧ୍ୟ ଯୁଗ୍ମ ସଚିବ ଅବଗତ କରି ସାରିଛନ୍ତି ବୋଲି କର୍ମଚାରୀମାନେ କହିଛନ୍ତି। ହେଲେ ଏ ପର୍ଯ୍ୟନ୍ତ ସେ ଦିଗରେ କିଛି ସୁଫଳ ମିଳି ନଥିବା ଅଭିଯୋଗ କରି କର୍ମଚାରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସମ୍ପୃକ୍ତ କର୍ମଚାରୀଙ୍କ ମଧ୍ୟରୁ ଅଧିକାଂଶ ବାର୍ଦ୍ଧକ୍ୟଜନିତ କାରଣରୁ ଶଯ୍ୟାଶାୟୀ ହୋଇପଡ଼ି ଥିବାବେଳେ କେତେକ କର୍ମଚାରୀଙ୍କ ମଧ୍ୟ ମୃତ୍ୟୁ ହୋଇସାରିଛି। ଫଳରେ ପ୍ରେ ପ୍ରୋଟେକ୍ସନ ପ୍ରାପ୍ୟ ପ୍ରଦାନ ଦିଗରେ ବିଳମ୍ବ କରା ନଯାଇ ତାହା ପ୍ରଦାନ କରିବା ଦିଗରେ ତ୍ୱରିତ୍ ପଦକ୍ଷେପ ନେବା ପାଇଁ ଜିଲାପାଳଙ୍କୁ ନିବେଦନ କରାଯାଇଛି। ପବିତ୍ର ମୋହନ ପ୍ରଧାନ, ପରମେଶ୍ୱର ଭୋଇ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ ଅଫିସକୁ ଆସିଥିଲେ।

## ଚିତ୍ରଶିଳ୍ପୀ ପ୍ରଣୟ ସମ୍ବର୍ଦ୍ଧିତ

**ଲାଠିକଟା,୩।୧( ରାମେଶ୍ୱର ଖଡଙ୍ଗା)**

ପୂର୍ବୋଦୋୟ ଆର୍ଟ ଫାଉଣ୍ଡେଶନ ବାଲେଶ୍ୱର ଆନୁକୂଲ୍ୟରେ ୨ ଦିନିଆ ଜାତୀୟ ଚିତ୍ରକଳା ଶିବିରରେ ରାଉରକେଲା ସାର ନଗରୀର ପ୍ରଣୟ ଜେନା ସମ୍ମାନିତ ଓ ସମ୍ବର୍ଦ୍ଧିତ ହୋଇଥିଲେ। ଏହି ଶିବିର ଓ ପ୍ରଦର୍ଶନୀ ଗତ ୨୮ ଓ ୨୯ରେ ସମ୍ବଲପୁରସ୍ଥିତ ମାରୁଆଡ଼ି ଧର୍ମଶାଳାଠାରେ ଉଦ୍‌ଯାପିତ ହୋଇଥିଲା। ଏଥିରେ ଝାଡଖଣ୍ଡ, ଓଡ଼ିଶା, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଓ ତ୍ରିପୁରା ସମେତ ନେପାଳ ଓ ବାଂଲାଦେଶର ୪୫ ଚିତ୍ରଶିଳ୍ପୀ ଅଂଶ ଗ୍ରହଣ କରିଥିଲେ। ପୂର୍ବୋଦୋୟ ଆର୍ଟ ଫାଉଣ୍ଡେଶନର ନିର୍ଦ୍ଦେଶକ ପ୍ରତାପ ରାଉତ ଓ ସଚିବ ନବୀନ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଏନ୍. ନାଗରର୍ଜୁନ(ଭାଇସ ଚାନ୍ସେଲର, ଗଙ୍ଗାଧର ମେହର ୟୁନିଭର୍ସସିଟି) ଓ ସମ୍ମାନିତ ଅତିଥି ଭୋଳାନାଥ ନାୟକ, (ବିଶିଷ୍ଟ କଳାକାର, ଶିକ୍ଷକ ଓ ଫଟୋଗ୍ରାଫର) ଯୋଗଦେଇ ପ୍ରଣୟଙ୍କ ସମେତ ଅନ୍ୟ ଚିତ୍ରଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



ପ୍ରଣୟଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ବାଟ ମା’ ମଙ୍ଗଳା ମହିଳା ସମିତିର ବାର୍ଷିକ ଉତ୍ସବ

**ରାଉରକେଲା,୩।୧(ସଙ୍ଗୀତା ଜେନା)**

ଜଗଦା ବାଟ ମା’ ମଙ୍ଗଳା ମହିଳା ସମିତିର ୫ମ ବାର୍ଷିକ ଉତ୍ସବ ବାଟମଙ୍ଗଳା ଶକ୍ତିପୀଠ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମ୍ୟୁନିସିପାଲ କଲେଜର ପ୍ରାକ୍ତନ ପ୍ରାଧ୍ୟାପିକା ନିବେଦିତା ମହାନ୍ତି ଯୋଗଦେଇ ସମାଜରେ ମହିଳାଙ୍କ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ମହିଳା ସମିତିର ସଭାନେତ୍ରୀ କୀର୍ତ୍ତିଲତା ନନ୍ଦଙ୍କ ଅଧ୍ୟକ୍ଷତାରେ ସମ୍ମାନିତ ଅତିଥି ଭାବେ ସେକ୍ଟର–୩ ଥାନାଧିକାରୀ ପ୍ରତିଭା ମଞ୍ଜରୀ ସାହୁ ଯୋଗଦେଇଥିଲେ। ସାଧାରଣ ସମ୍ପାଦିକା ବୀଣାପାଣି ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଜେଏସ୍‌ପିର ସଞ୍ଜୀବ ମହାନ୍ତି, କପିଳ ଚନ୍ଦ୍ର ବାରିକ, ନୀଳମଣି ପ୍ରଧାନ, ତାରିଣୀ ସାହୁ, ମନୋଜ ସାମଲ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିବୃନ୍ଦ ପୁରସ୍କାର ପ୍ରଦାନ କରିଥିଲେ। ଅହଲ୍ୟା ବାରିକ ଓ କାକଳୀ ଭୋଳ ମଞ୍ଚ ପରିଚାଳନା କରିଥିଲେ।



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

## ଖଡ଼ିଆଲ ମହୋତ୍ସବ ପାଇଁ ଶୁଭସ୍ତମ୍ଭ ସ୍ଥାପନ

**ଖଡ଼ିଆଲ,୩।୧(ସୁଜିତ କୁମାର ପ୍ରଧାନ)**

ଜାନୁଆରୀ ୨୯ରୁ ଫେବୃଆରୀ ୨ପର୍ଯ୍ୟନ୍ତ ଖଡ଼ିଆଲସ୍ଥିତ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପଡିଆରେ ଅନୁଷ୍ଠିତ ହେବାକୁ ଯାଉଛି ଖଡ଼ିଆଲ ମହୋତ୍ସବ। ଏ ନେଇ ପ୍ରସ୍ତୁତି ଜୋରସୋରରେ ଚାଲିଛି। ମହୋତ୍ସବ ପାଳନର ପ୍ରଥମ ପର୍ଯ୍ୟାୟ ସ୍ୱରୂପ ବୁଧବାର ଶୁଭସ୍ତମ୍ଭ ସ୍ଥାପନ ହୋଇଛି। ଏ ନେଇ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପଡିଆଠାରେ ସ୍ୱତନ୍ତ୍ର ରୀତିନୀତି ଅନୁସାରେ ଖଡ଼ିଆଳର ଇଷ୍ଟ ଦେବୀ ମା’ ସମଲେଶ୍ୱରୀ, ଜଗତର ନାଥ ଜଗନ୍ନାଥ, ଶ୍ରୀଗଣେଶ ଏବଂ ଜଗତଜନନୀ ମା’ଦୁର୍ଗାଙ୍କୁ ପୁରୋହିତ ସୁଦର୍ଶନ ଠାକୁର ଆବାହନ କରି ପୂଜାର୍ଚ୍ଚନା କରିଥିଲେ। ପରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା। ଏଥିରେ କର୍ତ୍ତା ଭାବେ ମହୋତ୍ସବ ପାଳନ କମିଟି ସଭାପତି ଜିତେନ୍ଦ୍ର ନାଥ ପଟ୍ଟନାୟକ ଦାୟିତ୍ୱ ନିର୍ବାହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହୋତ୍ସବ ପାଳନ କମିଟି ଉପଦେଷ୍ଟା ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀ, ନଗରପାଳ ଉଜ୍ଜଳ ଗୁପ୍ତା, ମେଜର ଡା. ରାମଚନ୍ଦ୍ର ମିଶ୍ର, ଜଗବନ୍ଧୁ ବାରିକ, ନିମାଇଁଚରଣ ତାଣ୍ଡି, ସତୀଶ ପଟ୍ଟନାୟକ, ଉପସଭାପତି ସୁଶାନ୍ତ ତାଣ୍ଡି, ସମ୍ପାଦକ ସୁନୀଲ କୁମାର ସାହୁ, ଅମରେଶ ପଟ୍ଟନାୟକ, ଛବି ସାଗର, ଗିରିଧାରୀ ବିଭାର, ପବିତ୍ର ମୋହନ ପ୍ରଧାନ, ପୃଥ୍ୱୀରାଜ ମହାନ୍ତି, ଡ. ସୁଶାନ୍ତ କୁମାର ବିଶି, ଗିରିଧାରୀ ବିଭାର, ବିମଳ ସିଂ ଦଳପତି, ସୁରେନ୍ଦ୍ର କୁମାର, ଜାକିର ଅହମ୍ମଦ ଖାନ, ଭୋଦେବ ସାହୁ, ରାଜକପୁର ବାରିକ, ଗୋପାଳ ଦାଶ, ବିଭୂତି ଭୂଷଣ ବିଶି, ପାର୍ଥବ ଜଗତ, ପ୍ରବୀଣ ପଟ୍ଟନାୟକ, ଗଙ୍ଗାଧର ମହାନ୍ତି, କୃଷ୍ଣ ସାହୁ, ଅମିତାଭ ପଟେଲ, ଅଶୋକ ବାରିକ, ଅମୁଲ୍ୟ ବାରିକ, ବବ୍ରୁବାହାନ ବର୍ମାଙ୍କ ସମେତ ଶତାଧିକ ସଂଖ୍ୟାରେ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ନୂଆପଡ଼ା ଜିଲାରେ ବାଘ, ଭାଲୁ ଆତଙ୍କ

**ନୂଆପଡ଼ା,୩।୧(ମକାରୁ ବେମାଲ)**

ନୂଆପଡ଼ା ଜିଲାରେ ବାଘ ଓ ଭାଲୁ ଆତଙ୍କ ଲାଗି ରହିଛି। ଫଳରେ ଲୋକଙ୍କ ଜୀବନଯାତ୍ରା ଉପରେ ଏହାର ପ୍ରଭାବ ଦେଖିବାକୁ ମିଳୁଛି। ପ୍ରାତଃଭ୍ରମଣ କରିବା, ଜମିକୁ ଚାଷ କାମ କରିବାକୁ ଯିବା ଲାଗି ଲୋକେ ଭୟ କରୁଛନ୍ତି। ଏପରିକି ଭୟରେ ପିଲାମାନେ ସ୍କୁଲ ଯାଉନାହାନ୍ତି। ଖାଦ୍ୟ ଅନ୍ୱେଷଣରେ ବାଘ, ଭାଲୁ ସମେତ ବିଭିନ୍ନ ପ୍ରକାର ବନ୍ୟପ୍ରାଣୀ ଗାଁ ମୁହାଁ ହେଉଥିବା ଲୋକେ କହିଛନ୍ତି। ଫଳରେ ବିଭିନ୍ନ ଗ୍ରାମରେ ଦିନକୁ ଦିନ ଆତଙ୍କ ଲାଗି ରହୁଛି। ଜିଲାର କୋମନା ଥାନା ତରବୋଡ ଅଞ୍ଚଳରେ ୨ଦିନ ପୂର୍ବେ ଭାଲୁ ଆତଙ୍କ ସୃଷ୍ଟି ହୋଇଥିଲା। ଜାନୁଆରୀ ୧ରେ ନୂତନ ବର୍ଷ ଉପଲକ୍ଷେ କେତେଜଣ ଯୁବକ ବଣଭୋଜି କରିବା ପାଇଁ ଜଡାମୁଣ୍ଡା ସୁନ୍ଦର ଜଳସେଚନ ପ୍ରକଳ୍ପକୁ ଯାଇଥିଲେ। ବଣଭୋଜି କରି ଘରକୁ ଫେରୁଥିବା ସମୟରେ ୩ଟି ଭାଲୁ ତରବୋଡ ସମ୍ଭବ ଆମ୍ବ ବଗିଚା ପଟେ ବୁଲୁଥିବା ଦେଖିବାକୁ ପାଇଥିଲେ। ଏହି ଖବର ପ୍ରଚାରିତ ହେବା ପରେ ତରବୋଡ ଅଞ୍ଚଳ ମାନିଗୁଡା, ଭରୁଆମୁଣ୍ଡା, ସିହିନାମୁଣ୍ଡା, ଜଟଗଡ, ଗଡଗଡବାହାଲି, ସାହାଜଟ, ସାଲେପଡା, ବାଲିପାର୍ଟି, ଗୋହିରାପଦର, ଧରମପୁର ଆଦି ଗାଁରେ ଭାଲୁ ଆତଙ୍କ ଖେଳିଯାଇଛି। ଲୋକେ ସକାଳେ ଓ ସନ୍ଧ୍ୟାରେ ଖାଲି ପାଦରେ ଚାଲିଚାଲି ଯାଇ ଫେରୁଥିଲେ। ଭାଲୁ ଭୟରେ ଲୋକେ ଚାଲି ଚାଲି ଯିବା ବନ୍ଦ କରି ଦେଇଛନ୍ତି। ସେହିପରି ସଦର ବ୍ଲକ ଧରମବନ୍ଧା ସେକ୍ସନ ଚୂଳାଭାଟ ଅଞ୍ଚଳରେ ୩ ଦିନ ହେବ ବାଘ ଆତଙ୍କ ଦେଖା ଦେଇଛି। ବାଘ ଭୟରେ ଅଞ୍ଚଳର ଲୋକେ ସନ୍ଧ୍ୟା ହେଲେ ତାଟିକବାଟ ବନ୍ଦ କରି ଦେଉଛନ୍ତି। କୌଣସି ଅଘଟଣ ଘଟି ନ ଥିଲେ ମଧ୍ୟ ବାଘ ସନ୍ଧ୍ୟା ହେଲେ ଗାଁ ଭିତରକୁ ଚାଲି ଆସୁଛି। ବାଘ ଭୟରେ ଚୂଳାଭାଟ ଗାଁ ଅଞ୍ଚଳର ଲୋକେ ପିଲାଙ୍କୁ ସ୍କୁଲ ମଧ୍ୟ ଛାଡୁ ନାହାନ୍ତି। ବର୍ତ୍ତମାନ ଚାଷ ଅମଳ ସମୟ ହୋଇଥିବାବେଳେ ଚାଷୀମାନେ ଚାଷଜମିକୁ ଯିବା ପାଇଁ ମଧ୍ୟ ଭୟ କରୁଛନ୍ତି। ଜଙ୍ଗଲ ପଦା ହେଉ ନାହିଁ ବରଂ ଜଙ୍ଗଲ ବଢିବାରେ ଲାଗିଛି। ହେଲେ ବନ୍ୟପ୍ରାଣୀ ଖାଇବା ଭଳି ଫଳବୃକ୍ଷ ରୋପଣ କରାଯାଉନାହିଁ। ଫଳରେ ଖାଦ୍ୟ ଅନ୍ୱେଷଣରେ ବନ୍ୟପ୍ରାଣୀ ଜଙ୍ଗଲକୁ ଛାଡି ଗାଁ ମୁହାଁ ହେଉଥିବା ଲୋକେ ଅନୁମାନ କରୁଛନ୍ତି। ଅପରପକ୍ଷେ ଜଙ୍ଗଲରେ ହରିଣ, କୁଟୁରା, ବାର୍‌ହା ଆଦି ପ୍ରାଣୀଙ୍କ ସଂଖ୍ୟା କମି ଯାଇଥିବାରୁ ବାଘ ଆଦି ମାଂସାସୀ ପ୍ରାଣୀ ଗାଁକୁ ଚାଲିଆସୁଛନ୍ତି। ଜଙ୍ଗଲ ପାଖରେ ବେଆଇନ ଭାବରେ କ୍ରସରମାନ ଚାଲିଛି। କ୍ରସର ମାଲିକମାନେ ଲିଜ୍ ଅନୁସାରେ ଅଧିକ ଅଞ୍ଚଳ ନିଜ ଅଧିନରେ ନେଇ ବେଆଇନ ଭାବରେ ପଥର ବ୍ଲାଷ୍ଟିଂ କରୁଥିବାରୁ ବନ୍ୟଜନ୍ତୁ ଭୟଭୀତ ହୋଇ ଗାଁ ମୁହାଁ ହେଉଥିବା ମଧ୍ୟ ଅନେକ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବନ୍ୟପ୍ରାଣୀ ଗାଁ ମୁହାଁ ହୋଇଥିବାବେଳେ ଲୋକେ ଭୟରେ ସେମାନଙ୍କ ଉପରେ ଢେଲାପଥର ମାରି ଦେଉଛନ୍ତି। ଫଳରେ ବନ୍ୟପ୍ରାଣୀ ରାଗି ଯାଇ ସାଧାରଣ ମଣିଷ ଉପରେ ଆକ୍ରମଣ କରି ବସୁଛି।

## ଡାଲଖାଇ ନୃତ୍ୟରେ ଝୁମିଲେ ଦର୍ଶକ

**ଝାରସୁଗୁଡା ଜିଲା ମହୋତ୍ସବର ତୃତୀୟ ସନ୍ଧ୍ୟା**

**ବ୍ରଜରାଜନଗର,୩।୧(ବିଜୟ ବରାଡ଼)**

ଝାରସୁଗୁଡ଼ା ଜିଲାର ୩୧ତମ ପ୍ରତିଷ୍ଠା ଦିବସ ତଥା ୨୨ତମ ଜିଲା ମହୋତ୍ସବ ଦୁଲଦୁଲିର ବୁଧବାର ତୃତୀୟ ସନ୍ଧ୍ୟାରେ ଡାଲଖାଇ ଓ ରସରକେଲି ନୃତ୍ୟରେ ଦର୍ଶକ ଝୁମିଉଠିଥିଲେ। ଉତ୍ସବରେ ଝାରସୁଗୁଡା ବିଧାୟିକା ଦୀପାଳି ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତାଙ୍କ ବାପା ସ୍ୱର୍ଗତ ନବକିଶୋର ଦାସଙ୍କ ଜିଲା ପାଇଁ ଅବଦାନର ସ୍ମୃତିଚାରଣ କରିଥିଲେ। ସେ କହିଥିଲେ, ବାପା ଝାରସୁଡୁଗୁଡାର ବିକାଶ ପାଇଁ ଅନେକ କିଛି କରିଥିଲେ। ପୂର୍ବ ବର୍ଷମାନଙ୍କରେ ମଞ୍ଚରେ ବାପା ବସୁଥିଲେ। ଏପରି କି ଗତବର୍ଷ ମଧ ମଞ୍ଚରେ ବସିଥିଲେ। ସେ ସମୟରେ ବାପା ଦେଇଥିବା ପ୍ରତିଶ୍ରୁତି ମତେ ପୂରଣ କରିବାର ଅଛି। ଝାରସୁଗୁଡାକୁ ଏକ ବିକାଶଶୀଳ ଜିଲା ଭାବରେ ଗଢିତୋଳିବାର ସଂକଳ୍ପ ନେଇ ସେ ଆଗକୁ ବଢିବେ ବୋଲି ଉପସ୍ଥିତ ଜନତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ଜିଲାର ବିଭିନ୍ନ ବ୍ଲକର ଅଧକ୍ଷ ଓ ଜିଲା ପ୍ରଶାସନର ପଦାଧିକାରୀ ଯୋଗ ଦେଇଥିଲେ। ପରେ ବିଭିନ୍ନ ଅଞ୍ଚଳରୁ ଆସିଥିବା କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ମଞ୍ଚରେ ଅଭିଭାଷଣ ପ୍ରଦାନ କରୁଛନ୍ତି ବିଧାୟିକା।



ପଏଁର ତିହାର-୨୦୨୪ ଅବସରରେ ବୁଧବାର ସୋନପୁର ପଏଁରୀ ଅନୁଷ୍ଠାନର କଳାକାର ସମ୍ବଲପୁରୀ ଲୋକନୃତ୍ୟ ପରିବେଷଣ କରୁଛନ୍ତି ।

# ଲୋକନୃତ୍ୟ, ସଙ୍ଗୀତରେ ଝୁମିଲେ ଦର୍ଶକ

**ସୋନପୁର,୩।୧(ମୃତ୍ୟୁଞ୍ଜୟ ଶତପଥୀ)**

ସୋନପୁର ପଏଁରୀ ଅନୁଷ୍ଠାନ ପକ୍ଷରୁ ନୂତନ ଟାଉନ ହଲଠାରେ ଚାଲିଥିବା ଜାତୀୟ ପାରମ୍ପରିକ ଲୋକନୃତ୍ୟ ଓ ସଙ୍ଗୀତ ଉତ୍ସବ ପଏଁରୀ ତିହାର-୨୦୨୪ ବୁଧବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଲୋକନୃତ୍ୟ ଓ ଲୋକ ସଙ୍ଗୀତର ତାଳେ ତାଳେ ଝୁମିଥିଲେ ଦର୍ଶକ। ପଏଁରୀ ଅନୁଷ୍ଠାନର ସଭାପତି ଲଡ୍ଡୁକିଶୋର ମଲ୍ଲିକଙ୍କ ସଭାପତିତ୍ୱରେ ସାଂସ୍କୃତିକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସୁବର୍ଣ୍ଣପୁରର କଳା ଓ ସଂସ୍କୃତି ଅନନ୍ୟ ବୋଲି କହିଥିଲେ। ସେହିପରି ପଏଁରୀ ଅନୁଷ୍ଠାନ ଜିଲାର ସମ୍ମାନ ବଢାଇଥିବା ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ହସ୍ତତନ୍ତ, ବସ୍ତ୍ର ଓ ହସ୍ତଶିଳ୍ପ



ବରିଷ୍ଠ କଳାକାର ଉପେନ୍ଦ୍ର ପ୍ରଧାନଙ୍କୁ ପଏଁରୀ ବାଦ୍ୟ ସମ୍ମାନରେ ସମ୍ମାନିତ କରାଯାଉଛି।

ବିଭାଗ ମନ୍ତ୍ରୀ ରୀତା ସାହୁ, ରାଜ୍ୟସଭା ଏମ୍‌ପି ନିରଞ୍ଜନ ବିଶି, ସୁବର୍ଣ୍ଣପୁର ଏସ୍‌ପି ଅମରେଶ କୁମାର ପଣ୍ଡା, ଅବକାରୀ ଅଧୀକ୍ଷିକା ସୁମତି ତ୍ରିପାଠୀ, ଅଭିମନ୍ୟୁ କୁଶଳ, ଶ୍ରୀବତ୍ସ ମଲ୍ଲିକ ଓ ପ୍ରଫୁଲ୍ଲ ନାଏକ ଯୋଗଦାନ କରି କହିଥିଲେ ଲୋକକଳା ଓ ଲୋକସଂସ୍କୃତି ଅଞ୍ଚଳର ପରିଚୟ। ତେଣୁ ଲୋକକଳା ଓ କଳାକାରଙ୍କୁ ବଞ୍ଚାଇ ରଖିବାକୁ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବଡକର୍ଲେର ବରିଷ୍ଠ ବାଦ୍ୟ କଳାକାର ଉପେନ୍ଦ୍ର ପ୍ରଧାନଙ୍କୁ ପଏଁରୀ ବାଦ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। ପଏଁରୀ ଅନୁଷ୍ଠାନର ସମ୍ପାଦକ ଚୌଧୁରୀ ବିଭାର ଓ ସୁଶାନ୍ତ ସାହୁଙ୍କ ସଂଯୋଜନାରେ ସୋନପୁର ପଏଁରୀ ଅନୁଷ୍ଠାନର

## ପଏଁରୀ ତିହାର ଉଦ୍‌ଯାପିତ

ଡାଲଖାଇ, ଆସାମର ବିହୁ, ମୟୁରଭଞ୍ଜର ଛଉ, ଗୁଜୁରାଟର ଲୋକନୃତ୍ୟ ଓ ଖୋର୍ଦ୍ଧା ନୂପୁରଧ୍ୱନି ଡ୍ୟାନ୍ସ ଏକାଡେମୀର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସେହିପରି ଜିଲାର କଳାକାରଙ୍କ ଦ୍ୱାରା ଲୋକସଙ୍ଗୀତ ଗାନ କରାଯାଇଥିଲା। କଳା, ସଂସ୍କୃତି ଅନୁଷ୍ଠାନ ପଁଏରୀ ପକ୍ଷରୁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ, କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡିଶା ସରକାରଙ୍କ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜିଲା ସଂସ୍କୃତି ପରିଷଦର ମିଳିତ ସହଯୋଗରେ ଏହି ଉତ୍ସବ ଆୟୋଜନ ହୋଇଥିଲା। ସନ୍ତୋଷ ମିଶ୍ର, ସନ୍ତୋଷ ପାଢୀ, ସୌମ୍ୟରଞ୍ଜନ ସେଠୀ, ସଞ୍ଜୟ ସାହୁ ଓ ରାମ ମଲ୍ଲିକ ପ୍ରମୁଖ ଉତ୍ସବ ଆୟୋଜନରେ ସହଯୋଗ କରିଥିଲେ।

# ହାଇୱା ଡ୍ରାଇଭରଙ୍କୁ ଖୋଜୁଛି ପୋଲିସ

**ସୋନପୁର,୩।୧(ମୃତ୍ୟୁଞ୍ଜୟ ଶତପଥୀ)**

## ହାଇୱା ଧକ୍କାରେ ବାପ ପୁଅ ମୃତ୍ୟୁ ଘଟଣା

ସୋନପୁର ବ୍ଲକ ଛକ ଟ୍ରାଫିକ୍ ପୋଷ୍ଟରେ ମଙ୍ଗଳବାର ରାତିରେ ସ୍କୁଟିକୁ ଏକ ହାଇୱା (ନଂ ଓଡି୩୧ଏଲ-୩୧୮୦) ଧକ୍କା ଦେଇଥିଲା। ଫଳରେ ସ୍କୁଟିରେ ଯାଉଥିବା ରାଜକୁମାର ମହାକୁର ଓ ତାଙ୍କ ପୁଅ ଓମ୍‌ପ୍ରୀତ୍‌ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଏନେଇ ମୃତ ରାଜକୁମାରଙ୍କ ମାମୁଁ ସରୋଜ କୁମାର କମ୍ପ ସୋନପୁର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରିବା ସହ ହାଇୱାକୁ ଜବତ କରିଛି। ତେବେ ଦୁର୍ଘଟଣା ଘଟାଇଥିବା ଡ୍ରାଇଭରଙ୍କୁ ପୋଲିସ ଗିରଫ କରି ପାରିନାହିଁ।

ପ୍ରକାଶ ଯେ, ଦୁର୍ଘଟଣା ପରେ ହାଇୱାଟି ସ୍କୁଟିକୁ ପ୍ରାୟ ଅଧା କିଲୋମିଟର ଦୂର ଘୋଷାଡି ନେଇଥିଲା। ତେବେ ହାଇୱାରେ ନିଆଁ ଲାଗିଯିବାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଡ୍ରାଇଭର ଗାଡି ଛାଡି ଫେରାର ହୋଇ ଯାଇଥିଲେ। ଦୁର୍ଘଟଣା ସମୟରେ ଟ୍ରାଫିକ୍ ପୋଷ୍ଟ ନିକଟରେ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ ମଧ୍ୟ ହାଇୱା ସହିତ ଡ୍ରାଇଭର ଫେରାର ହୋଇ ଯାଇଥିଲେ। ଏହି ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ସୋନପୁର ପୋଲିସ ଏସ୍‌ଡିପିଓଙ୍କ ଗାଡି ଭଙ୍ଗାରୁଜା କରିଥିଲେ। ତେବେ ଅଭିଯୋଗ ଅନୁଯାୟୀ ଡ୍ରାଇଭରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ କର୍ତ୍ତବ୍ୟରେ ଅବହେଳା କରିଥିବା ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଏସ୍‌ପି ଅମରେଶ କୁମାର ପଣ୍ଡା ପ୍ରତିଶ୍ରୁତି ଦେବା ପରେ ଉତ୍ତେଜନା ପ୍ରଶମିତ ହୋଇଥିଲା।

# ରାସ୍ତା ମରାମତି କଲେ ଅଞ୍ଚଳବାସୀ

**ଦେବଗଡ,୩।୧(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ ପୌରାଞ୍ଚଳ ଉପକଣ୍ଠ ତିଲେଇବଣି ବ୍ଲକ କଲଣ୍ଡା ଗ୍ରାମର କାଳିଆକଟା, ଚଡକମରା, ବଲଣ୍ଡା, ପଥୁରିଆ ସାହି, କୁସୁମଡିହି, ଜାଙ୍ଗଲିକୁଦର ଓ ଆମ୍ଳପାଣି ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାରେ ବାଳିଆପିଟା ନାଳ ପ୍ରବାହିତ ହେଉଥିବା ବେଳେ ସମ୍ପୃକ୍ତ ଅଞ୍ଚଳବାସୀଙ୍କ ସାଧାରଣ ଜୀବନଯାତ୍ରାରେ ଏହା ପ୍ରତିବନ୍ଧକ ସାଜିଥାଏ । ଉକ୍ତ ରାସ୍ତା ଦେଇ ଯାଉଥିବା ସ୍କୁଲ, କଲେଜର ଛାତ୍ରୀଛାତ୍ର ଓ ରୋଗୀଙ୍କ ଠାରୁ ଆରମ୍ଭ କରି ଜନସାଧାରଣ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥାନ୍ତି । ଏହି ସମସ୍ୟାର ସମାଧାନ ନିମନ୍ତେ ଅଞ୍ଚଳବାସୀ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ସହ ସମାଧାନ ନିମନ୍ତେ ଏକ ପୋଲ ନିର୍ମାଣ ପାଇଁ ଦାବି କରି ଆସୁଥିଲେ । ଏପରି କି ଭାଜପା ଯୁବ ସଂଗଠକ ସୁଧୀର କୁମାର ବ୍ରହ୍ମାଙ୍କ ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଏକ ସ୍ଥାୟୀ ପୋଲ ନିର୍ମାଣ ପାଇଁ ଦାବି କରିଥିଲେ । ଏହାସତ୍ତ୍ୱେ ଦାବି ପୂରଣ ନ ହେବାରୁ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ବୁଧବାର ଉକ୍ତ ରାସ୍ତାକୁ ଅସ୍ଥାୟୀ ଭାବେ ମରାମତି କରାଯାଇଛି । ଭାଜପା ଯୁବ ସଂଗଠକ ବ୍ରହ୍ମା ଓ ଭାଜପା ଯୁବ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତାମାନଙ୍କ ସହିତ ଗ୍ରାମବାସୀ ମିଳିମିଶି ସେଠାରେ ମେସିନ ସହାୟତାରେ ରାସ୍ତାର ମରାମତି କରିଥିବା ଜଣାପଡିଛି । ରାସ୍ତା ମରାମତି କାର୍ଯ୍ୟରେ ଭାଜପା ଯୁବମୋର୍ଚ୍ଚାର ବିଜୟ ପାତ୍ର, ଅଜୟ ଦାସ, ଲିପୁନ ବାରିକ, ବରୁଣ ଫଦକାର, ରମେଶ ଥାପା ଓ ଅଞ୍ଚଳବାସୀଙ୍କ ପକ୍ଷରୁ ନିରୁପମା ଧଳ, ଇନ୍ଦୁମତି ବାଘ,ସୁଚିତା ବାଘ, ପ୍ରେମ ମଞ୍ଜରୀ ସାମଲ, ତୁଳସୀ ଥାପା ଓ ରୁକ୍ମିଣୀ ଧଳ ପ୍ରମୁଖ ସାମିଲ ଥିଲେ ।



ରାସ୍ତା ମରାମତି କାର୍ଯ୍ୟରେ ସାମିଲ ଅଞ୍ଚଳବାସୀ ଓ ଦଳୀୟ କାର୍ଯ୍ୟକର୍ତ୍ତା ।

# ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ପକ୍ଷରୁ ଜୟନ୍ତୀ ସଭା

**ସମ୍ବଲପୁର,୩।୧(ବି.ଶଙ୍କର):**ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ପକ୍ଷରୁ ସାବିତ୍ରୀ ବାଈ ଫୁଲେ ଓ ସମ୍ବିଧାନ ସଭା ସଦସ୍ୟ ଜୟପାଲ ସିଂହ ମୁଣ୍ଡା ଜୟନ୍ତୀ ବୁଧବାର ସମ୍ବଲପୁର ସାମ୍ବାଦିକ ଭବନଠାରେ ପାଳିତ ହୋଇଯାଇଛି। ପରିଷଦ ଅଧ୍ୟକ୍ଷ ନିହାଲ ସିଂଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା । ଉପାଧ୍ୟକ୍ଷ ଶିବଶଙ୍କର ପ୍ରଧାନ ସଭାରେ ସଂଯୋଜନା କରିଥିଲେ। ଶିକ୍ଷାବିତ୍ କୈଳାସ ମହାରଣା ମୁଖ୍ୟଅତିଥି, ରାଷ୍ଟ୍ରୀୟ ବୁଦ୍ଧ ମହାସଭାର ସଂଯୋଜକ ଏମ୍ ଆର୍ ପ୍ରଶାନ୍ତ ମୁଖ୍ୟବକ୍ତା ଓ ମୁସଲିମ ସିଟିଜେନ ଫୋରମ ଏମ୍‌ଡି ନୱାବ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସଭାରେ ଭାରତର ପ୍ରଥମ ମହିଳା ଶିକ୍ଷୟିତ୍ରୀ ସାବିତ୍ରୀ ବାଈ ଫୁଲେଙ୍କ ନାରୀ ଶିକ୍ଷା ପ୍ରଚାର ପ୍ରସାର ତଥା ସମ୍ବିଧାନ ସଭା ସଦସ୍ୟଙ୍କ ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରାଯାଇଥିଲା। ପରିଷଦର ଜିଲା ଆବାହକ ଆଶିଷ ମହାନନ୍ଦ, ଦିଲିପ ମେହେର, ଭବାନି ଶଙ୍କର ସୋହେଲା, ସୁନିଲ କୁମାର ହଂସା, ପିଙ୍କି ଲୁହା, ମହମ୍ମଦ ଇସାକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ପରିଷଦର ଉପମହାସଚିବ ଶେଖ ଇନ୍ତେଖାପ ଧନ୍ୟବାଦ ଦେଇଥିଲେ।

# ହୀରାକୁଦ ଅଞ୍ଚଳବାସୀଙ୍କୁ ସ୍ଥାୟୀ ପଟ୍ଟା ଦାବି



ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ସମ୍ବଲପୁର,୩।୧(ବି.ଶଙ୍କର)**

## ଅତିରିକ୍ତ ଜିଲାପାଳଙ୍କ ସହ ନାଗରିକ କମିଟିର ଆଲୋଚନା

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଶିଳ୍ପନଗରୀ ହୀରାକୁଦ ନଦୀବନ୍ଧ, ଶିଳ୍ପାଞ୍ଚଳରେ ପ୍ରାୟ ୭୫ ବର୍ଷ ହେବ ଜନସାଧାରଣ ରହିଆସୁଛନ୍ତି। ହେଲେ ସ୍ଥାୟୀ ପଟ୍ଟା ନ ଥିବାରୁ ଲୋକମାନେ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବନ୍ୟା ସମୟରେ କ୍ଷତିଗ୍ରସ୍ତ ପରିବାରକୁ କ୍ଷତିପୂରଣ, ବ୍ୟାଙ୍କରୁ ଋଣ ମିଳିବା କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ହୀରାକୁଦ ନାଗରିକ କମିଟି କର୍ମକର୍ତ୍ତା ଦାବି କରିଛନ୍ତି। ଏ ନେଇ କମିଟି କର୍ମକର୍ତ୍ତା ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କୁ ଭେଟି ଆଲୋଚନା କରିଥିଲେ। ସେମାନେ ଦର୍ଶାଇଛନ୍ତି, ବର୍ତ୍ତମାନ ସ୍ଥାୟୀ ପଟ୍ଟା ପାଇଁ ସରକାର ବୁର୍ଲାରେ କାର୍ଯ୍ୟାଳୟ ଖୋଲିଛନ୍ତି। ଏହା ମାଧ୍ୟମରେ ସ୍ଥାୟୀ ପଟ୍ଟା ପ୍ରଦାନ ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଛନ୍ତି। ପ୍ରତିନିଧି ଦଳରେ ସୁରେନ୍ଦ୍ର ବିଶ୍ୱାଳ, ଭାସ୍କର ଦାଶ, ଗୋପକୃଷ୍ଣ ଦାଶ, କୁନ୍ତୀ ସିଂହ, ତ୍ରିବେଣୀ ପଣ୍ଡା, ପରା ମୁଣ୍ଡା, ବ୍ରହ୍ମଦେବ ମହାନ୍ତି, ସତ୍ୟ ନାରାୟଣ ସ୍ୱାଇଁ, ଦିପ୍ତି ରଞ୍ଜନ ନାଏକ, ଭିକାରି ରାଉତ ପ୍ରମୁଖ ସାମିଲ ଥିଲେ।

# ଦେଓଗାଁ ନୂତନ ଥାନା କୋଠା ଉଦ୍‌ଘାଟିତ

**ଦେଓଗାଁ, ୩।୧(କୃଷ୍ଣପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ଥାନାର ନୂତନ କୋଠା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋୟର ସୁକତେଲ ପ୍ରକଳ୍ପ ଉଦ୍‌ଘାଟନ ପାଇଁ ଆସିଥିବା ଅବସରରେ ନବନିର୍ମିତ ଥାନା କୋଠା ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନ ପରେ ଅଞ୍ଚଳର ଭଦ୍ର ବ୍ୟକ୍ତିଙ୍କ ଉପସ୍ଥିତିରେ ଦେଓଗାଁ ଥାନାଧିକାରୀ ତାରାବତୀ ପଧାନ ଓ କର୍ମଚାରୀ ଅଫିସ କୋଠାକୁ ପ୍ରବେଶ କରିଥିଲେ। ଏହି ଥାନା ଅଧିନରେ ୧୧୬ଟି ଗାଁ ରହିଛି । ବର୍ତ୍ତମାନ ଥାନାରେ ଆବଶ୍ୟକ କନେଷ୍ଟେବଲ ୧୮ ଜଣ ମଧ୍ୟରୁ ୮ ଜଣ, ହୋମଗାର୍ଡ ୨୨ ଜଣଙ୍କ ମଧ୍ୟରୁ ୧୩ ଜଣ ଅଛନ୍ତି । ଥାନା ଅଞ୍ଚଳରଆୟତନ ଅଧିକ ହେଉଥିବାରୁ ଷ୍ଟାଫ ପୂରଣ ଦିଗରେ ବିଭାଗ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି ।



# କଂଗ୍ରେସର ଗ୍ରାମ ପଞ୍ଚାୟତ କମିଟି ଗଠିତ

**ଦେବଗଡ଼,୩।୧(ଶଶାଙ୍କ ଶେଖର ଝାଙ୍କର)**

ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରିଆମାଳ ବ୍ଲକ ପରା ଗ୍ରାମ ପଞ୍ଚାୟତ ସଦର ମହକୁମାରେ ବୁଧବାର କଂଗ୍ରେସ ଦଳର ଏକ ବୈଠକ ଅନୁଷ୍ଠିତ ହେବା ସହ ଗ୍ରାମ ପଞ୍ଚାୟତ କମିଟି ଗଠିତ ହୋଇଯାଇଛି । ପ୍ରଶାନ୍ତ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଜିଲା କଂଗ୍ରେସ କମିଟି ସଭାପତି ସେମ ହେମ୍ବ୍ରମ, ପୂର୍ବତନ ଜିଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ସାହୁ, କୃଷ୍ଣଚନ୍ଦ୍ର ଦେହୁରୀ, କୁଳମଣି ଦେହୁରୀ, ତୁଷାରକାନ୍ତ ପରିଡା, ଦୁଷ୍ମନ୍ତ ବେହେରା, ପବିତ୍ର ସେଠୀ, ପଙ୍କଜ ନାୟକ ଓ ପ୍ରକାଶ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଗ୍ରାମ ପଞ୍ଚାୟତ କଂଗ୍ରେସ କମିଟିର ସଭାପତି ଭାବେ ପ୍ରକାଶ ବିଶ୍ୱାଳ ଓ ସମ୍ପାଦକ ଭାବେ ପବିତ୍ର ସେଠୀଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା ।

# ବ୍ଲକରେ ଉନ୍ନୟନ କାର୍ଯ୍ୟ ରୂପାୟନ ଉପରେ ଗୁରୁତ୍ୱ

**ଅମରପାଲି,୩।୧(ପୀତାମ୍ବର ସାହୁ)**

## ବୀରମହାରାଜପୁର ବ୍ଲକ ସରପଞ୍ଚ ସଂଘର ବୈଠକ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସରପଞ୍ଚ ସଂଘର ଏକ ବୈଠକ ସଂଗ୍ରାମପୁର ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାନେତ୍ରୀ ଶ୍ରୀୟା କର୍ମୀ ଉକ୍ତ ବୈଠକରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ସର୍ବସମ୍ମତି କ୍ରମେ ଖପ୍ରାଖୋଲ ବ୍ଲକ ଡ଼ଙ୍ଗରିଆ ସରପଞ୍ଚ ସୁଶୀଲ କୁମାର ଗୁରୁଙ୍କୁ କଣ୍ଟାବାଞ୍ଜି ପିଡବ୍ଲୁଡି ବିଭାଗ ଏସଡିଓ ଏବଂ ଜେଇ କରିଥିବା ମରଣାନ୍ତକ ଆକ୍ରମଣର ଦୃଢ଼ ନିନ୍ଦା କରାଯାଇଥିଲା। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆନ୍ଦୋଳନାତ୍ମକ ପଦକ୍ଷେପ ନେବାକୁ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଥିଲା। ବ୍ଲକରେ ଉନ୍ନୟନ କାର୍ଯ୍ୟ ରୂପାୟନ ରେ ହେଉଥିବା ଅସୁବିଧା ସମ୍ପର୍କରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହ ଆଲୋଚନା କରି ସମାଧାନ କରିବା ଓ ନୂତନ ଗୋଷ୍ଠୀ ଓ ବ୍ୟକ୍ତିଗତ ପ୍ରକଳ୍ପ ଅନୁମୋଦନ ପାଇଁ ପ୍ରସ୍ତାବ ପଠାଇବାକୁ ଆଲୋଚନା ହୋଇଥିଲା। ଗ୍ରାମ ପଞ୍ଚାୟତ ଉନ୍ନୟନ ପ୍ରକ୍ରିୟାରେ ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀଙ୍କ ଭାଗିଦାରୀ ଜରୁରୀ ଥିବାରୁ ଆଗାମୀ ଦିନରେ ସରପଞ୍ଚ ସଂଘ କର୍ଯ୍ୟକର୍ତ୍ତା, ସମନ୍ୱୟ କମିଟି ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହ ଆଲୋଚନା କରି ଉନ୍ନୟନ ପ୍ରକ୍ରିୟାକୁ ଆଗକୁ ନେବାକୁ ସ୍ଥିରୀକୃତ ହେଇଥିଲା। ଆଲୋଚନାରେ ସଂଘର ଉପଦେଷ୍ଟା ସୁବଲୟା ସରପଞ୍ଚ ପ୍ରମୋଦ ମହାପାତ୍ର, ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ଜଗଦଲା, ମୁର୍ଷୁଣ୍ଡି ସରପଞ୍ଚ ମନୋଜ କୁମାର ସାହୁ, ସଂଘ ଉପ ସଭାପତି ଅନୁସୟା ପଧାନ, ସଂପାଦକ ସୂର୍ଯ୍ୟ ନନ୍ଦ, ବାଗବର ସରପଞ୍ଚ ନିରୁପମା ବଗର୍ତ୍ତି, ଖଣ୍ଡହତା ସରପଞ୍ଚ ଜୟଶ୍ରୀ ଦେହେରୀ, ସଂଗ୍ରାମପୁର ସରପଞ୍ଚ ଅଳକା କର୍ମୀ, କେନଝିରିଆପାଲି ସରପଞ୍ଚ ସସ୍ମିତା ଦୀପ, ପିତାମହୁଲ ସରପଞ୍ଚ ଆକସ୍ମିତା ବଢ଼ିଆ, ବହଳପଦର ସରପଞ୍ଚ ନିରୁପମା ସେଠୀ, ଦୁର୍ଜନତୈଳା ସରପଞ୍ଚ ବିଷ୍ଣୁପ୍ରିୟା କୁମ୍ଭାର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ହିଲୁଙ୍ଗ ସରପଞ୍ଚ ବନିତା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଉପସ୍ଥିତ ସରପଞ୍ଚ।

# ଦୁଲୁକିଲା ମଞ୍ଚ, ଝୁମିଲେ ଛାତ୍ରୀଛାତ୍ର

**ଦେବଗଡ଼,୩।୧(ଶଶାଙ୍କ ଶେଖର ଝାଙ୍କର)**

ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ବଡବଗିଚା ପଡିଆଠାରେ ବୁଧବାର ଜିଲାସ୍ତରୀୟ ନୂଆ-ଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଦେବଗଡ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା । ମୁଖ୍ୟଅତିଥି ଭାବେ ଦେବଗଡ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ଦେବଗଡ ଜିଲା ଭୁକାବେଡା ଗ୍ରାମର ଆଇଏଏସ ଅଫିସର ସୌମ୍ୟରଞ୍ଜନ ପ୍ରଧାନ, ଦେବଗଡ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ,ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର ଓ ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ପୂର୍ବରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

ଏହାପରେ ଦେବଗଡ ଜିଲାପାଳ ଉପାଧ୍ୟାୟ ଓ ୨୦୨୨ ମସିହାରେ ସଫଳତା



ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ପରିବେଷିତ ନୃତ୍ୟ ।

ହାସଲ କରି ଭାରତୀୟ ପ୍ରଶାସନିକ ସେବାରେ ଯୋଗ ଦେଇଥିବା ଦେବଗଡ ଜିଲାରେ ଜନ୍ମିତ ଆଇଏଏସ ଅଫିସର ପ୍ରଧାନ ମଞ୍ଚରେ ଉପସ୍ଥିତ ରହି ଛାତ୍ରୀଛାତ୍ର ମାନଙ୍କୁ ନିଜ ସଫଳତାର କାହାଣୀ ବର୍ଣ୍ଣନା କରିଥିଲେ। ଉଭୟେ ସରକାରୀ ସ୍କୁଲରେ ପାଠ ପଢି ଏହି ସଫଳତା ପାଇଥିବା ନେଇ ପ୍ରେରଣାଦାୟୀ ବାର୍ତ୍ତା ପ୍ରଦାନ କରିଥିଲେ। ଏହାପରେ ଦେବଗଡ ଜିଲାର ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଆକର୍ଷଣୀୟ ଦଳଗତ ନୃତ୍ୟ ପରିବେଷଣ କରାଯାଇଥିଲା । ଏଥିସହ କଣ୍ଠଶିଳ୍ପୀ ଅସୀମା ପଣ୍ଡା ଓ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ , ଆଲୋକ ପଣ୍ଡା ଏବଂ ଗ୍ରୁପ ସମେତ ଏକାଧିକ ନୃତ୍ୟ ଅନୁଷ୍ଠାନ ଓ କଣ୍ଠଶିଳ୍ପୀଙ୍କ ଦ୍ୱାରା ପରିବେଷିତ ନୃତ୍ୟ ଓ ଗୀତରେ ମଞ୍ଚ ଦୁଲୁକି ଉଠିଥିଲା । ଏହାର ତାଳେ ତାଳେ ଉପସ୍ଥିତ ଛାତ୍ରୀଛାତ୍ର ଝୁମି ଉଠିଥିଲେ । ଏହି ଅବସରରେ ଯାଦୁଗର ସୁଧାଂଶୁଙ୍କ ଦ୍ୱାରା ଆକର୍ଷଣୀୟ 'ମ୍ୟାଜିକ ଶୋ' ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମରେ ଦେବଗଡ ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରଦ୍ୟୁମ୍ନ କୁମାର ମିଶ୍ର, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଜିଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ହେମନ୍ତ କୁମାର ପଣ୍ଡା, ଉପ ଜିଲାପାଳ ପରୀକ୍ଷିତ ସାହୁ, ଏସଡିପିଓ ସୌମ୍ୟ ରଞ୍ଜନ ମଲ୍ଲିକଙ୍କ ସମେତ ଜିଲାର ସମସ୍ତ ଜିଲାସ୍ତରୀୟ ଅଧିକାରୀ ଓ ତହସିଲଦାର ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ବନବିଭାଗର ଚଢ଼ାଉ: ଲକ୍ଷାଧିକ ଟଙ୍କାର ସାଗୁଆନ କାଠ ଜବତ



ନୂଆପଡ଼ା,୩।୧ (ମକାରୁ ବେମାଲ)

ନୂଆପଡ଼ା ସଦର ବ୍ଲକ ବିଶୋରା ଗାଁରେ ବନବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ସେଠାରୁ ଲକ୍ଷାଧିକ ଟଙ୍କାର ସାଗୁଆନ କାଠ ଜବତ ହୋଇଛି। ଏହି ଗାଁରେ ବେଆଇନ ଭାବରେ ଚୋରାରେ କାଠ କାରବାର ଚାଲିଥିବା ଅଭିଯୋଗ ହୋଇଆସୁଥିଲା। ସୂଚନା ମୁତାବକ ବିଶୋରା ଗାଁରେ ଦୀର୍ଘ ଦିନରୁ ବେଆଇନ ଭାବରେ କରତକଳ ଚାଲିଛି। ଗାଁରେ କରତକଳ ବସାଇ ଅଞ୍ଚଳର ସାଗୁଆନ ଗଛ ସହ ମୂଲ୍ୟବାନ ଗଛସବୁ କାଟି ବିକ୍ରୟ କରାଯାଉଥିଲା। ଅଞ୍ଚଳର ଲୋକେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିଲା। ବୁଧବାର ବାହାରକୁ ସାଗୁଆନ କାଠ ଓ ପଟା ଚାଲାଣ କରାଯାଉଥିବା ସମୟରେ ଖରିଆରରୋଡ ବନ ବିଭାଗ କୌଣସି ସୂତ୍ରରୁ ଖବର ପାଇଥିଲା। ରେଞ୍ଜର ଦୀନବନ୍ଧୁ ମେହେରଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ବିଶୋରା ଗାଁରେ ଚଢାଉ କରାଯାଇଥିଲା। ସେଠାରୁ ଗାଡ଼ି ସହ ଲକ୍ଷାଧିକ ଟଙ୍କାର ସାଗୁଆନ କାଠ ଜବତ କରାଯାଇଥିଲା। ଜବତ ସମୟରେ ରେଞ୍ଜର ମେହେରଙ୍କ ସମେତ ବିନୋଦ ବିହାରୀ ନାୟକ, କ୍ଷମାସାଗର ଶବର, କାହ୍ନା ନାଏକ, ହେମାନ୍ତ ସୁନା, ସନ୍ଧ୍ୟା ମାଝି, ଜ୍ୟୋସ୍ନା ଛତର, ସଞ୍ଜୁକ୍ତା ବାରିକ ଓ ପାରା ଷ୍ଟାଫ ଉପସ୍ଥିତ ଥିଲେ।

### ଦେଓଗାଁ ନୂତନ ଥାନା କୋଠା ଉଦ୍‌ଘାଟିତ




ଦେଓଗାଁ, ୩।୧ (କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନାର ନୂତନ କୋଠା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋୟର ସୁକତେଲ ପ୍ରକଳ୍ପ ଉଦ୍‌ଘାଟନ ପାଇଁ ଆସିଥିବା ଅବସରରେ ନବନିର୍ମିତ ଥାନା କୋଠା ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନ ପରେ ଅଞ୍ଚଳର ଭଦ୍ର ବ୍ୟକ୍ତିଙ୍କ ଉପସ୍ଥିତିରେ ଦେଓଗାଁ ଥାନାଧିକାରୀ ତାରାବତୀ ପଧାନ ଓ କର୍ମଚାରୀ ଅଫିସ କୋଠାକୁ ପ୍ରବେଶ କରିଥିଲେ। ଏହି ଥାନା ଅଧିନରେ ୧୧୬ଟି ଗାଁ ରହିଛି। ବର୍ତ୍ତମାନ ଥାନାରେ ଆବଶ୍ୟକ କନେଷ୍ଟେବଲ ୧୮ ଜଣ ମଧ୍ୟରୁ ୮ ଜଣ, ହୋମଗାର୍ଡ ୨୨ ଜଣଙ୍କ ମଧ୍ୟରୁ ୧୩ ଜଣ ଅଛନ୍ତି। ଥାନା ଅଞ୍ଚଳରଆୟତନ ଅଧିକ ହେଉଥିବାରୁ ଷ୍ଟାଫ ପୂରଣ ଦିଗରେ ବିଭାଗ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।



ଲୋୟର ସୁକ୍‌ତେଲ ପ୍ରକଳ୍ପ ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଅନ୍ୟ ଅତିଥି।



ପ୍ରକଳ୍ପ ଉଦ୍‌ଘାଟନୀ ସମାବେଶରେ ଉପସ୍ଥିତ ଜନସମାବେଶ।

**ଲୋୟର ସୁକ୍‌ତେଲ ପ୍ରକଳ୍ପ ଉଦ୍‌ଘାଟନର ଏପାଖ ସେପାଖ**

# ୨୩ ବର୍ଷ ପ୍ରତୀକ୍ଷାର ଅନ୍ତ

### ବିସ୍ଥାପିତଙ୍କ ସମସ୍ୟା ସମାଧାନ ପାଇଁ କଳିକେଶ କଲେ ପ୍ରତିଜ୍ଞା

ବଲାଙ୍ଗୀର, ୩।୧ (ବୀରେନ୍ଦ୍ର କୁମାର ଝାଙ୍କର)

ଦୀର୍ଘ ୨୩ବର୍ଷର ପ୍ରତୀକ୍ଷା ପରେ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଉଦ୍‌ଘାଟନ କରିଥିଲେ। ସଭାରେ ବକ୍ତବ୍ୟ ରଖି ରାଜ୍ୟ ହାଉସିଂ ବୋର୍ଡ ଅଧକ୍ଷ ତଥା ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓ କହିଥିଲେ ଯେ, ୨୦୧୨ରେ ବାଧା ଦୂର କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପୁଣି ଥରେ କାମ ଆରମ୍ଭ ହୋଇଥିଲା। ସେ ସମୟରେ ସେ ଲୋକ ସଭା ସଦସ୍ୟ ଥିଲେ ଓ ତାଙ୍କ ବାପା ଅନଙ୍ଗ ଉଦୟ ସିଂଦେଓ ମନ୍ତ୍ରୀ ଥିଲେ। ସେ ସମୟରେ ଆମେ ଦାବି କରିଥିଲୁ ଯେ, ଲୋୟର ସୁକ୍‌ତେଲ ପ୍ରକଳ୍ପରେ ୨୦୧୩ ବିସ୍ଥାପନ ଓ ଥଇଥାନ ନୀତି ଲାଗୁ କରାଯାଉ। ସେତେବେଳେ ନବୀନ ବାବୁ ଗୋଟିଏ ଧାଡିରେ ତାଙ୍କର ଇଚ୍ଛାଶକ୍ତିରେ ଏହି ପ୍ରକଳ୍ପ ସମ୍ଭବ ହୋଇଥିଲା। ଏହି ଅବସରରେ ସେ ୨୯ଟି ଗାଁର ଲୋକମାନଙ୍କୁ ଧନ୍ୟବାଦ ଦେଇଥିଲେ ସେମାନଙ୍କ ତ୍ୟାଗ ପାଇଁ। ସେ କହିଥିଲେ ଯେ, ଡ୍ୟାମ୍ ସରୁ, ପାଣି ଆସୁ, ବ୍ୟକ୍ତିଗତ ରୂପରେ ପ୍ରତ୍ୟେକ ବିସ୍ଥାପିତଙ୍କ ଯାହା ଯାହା ଅଭିଯୋଗ ଥିବ ସେ ନିଜେ, ଜିଲା ପ୍ରଶାସନ ଓ ଓଡ଼ିଶା ସରକାର ସହ ମିଶି ତାକୁ ସମ୍ପୂର୍ଣ୍ଣ କରିବା ପାଇଁ ପ୍ରତିଜ୍ଞା କରିଛନ୍ତି।



ଲୋୟର ସୁକ୍‌ତେଲ ପ୍ରକଳ୍ପ ମଡେଲ ଦେଖୁଛନ୍ତି ମୁଖ୍ୟମନ୍ତ୍ରୀ।

### ମୁଖ୍ୟମନ୍ତ୍ରୀଙ୍କୁ ମୁକେଶ ଦେଲେ ଦାବିପତ୍ର

ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ ଲୋୟର ସୁକ୍‌ତେଲ ପ୍ରକଳ୍ପ ଉଦ୍‌ଘାଟନୀ ମଞ୍ଚରେ ବକ୍ତବ୍ୟ ରଖିବାକୁ ଯାଇ ବିସ୍ଥାପିତ ୨୯ଟି ଗାଁର ୧୨ ହଜାର ପରିବାରଙ୍କୁ ମୁଣ୍ଡିଆ ବୋଲି କହିଥିଲେ। ଏହା ସହିତ ଲୋଇସିଂହା ନିର୍ବାଚନ ମଣ୍ଡଳୀର ଲୋଇସିଂହା, ଆଗଲପୁର ଓ ପୁଇଁତଳା ବ୍ଲକ୍‌ର ଯେଉଁ ଗାଁକୁ ସୁକ୍‌ତେଲ ପ୍ରକଳ୍ପରୁ ପାଣି ମାଡୁନାହିଁ ସେଇ ଗାଁକୁ ପାଣି ଯୋଗାଇବାକୁ ପ୍ରକଳ୍ପ ଡିପିଆର ସଂଶୋଧନ କରିବାକୁ ଦାବି କରିଥିଲେ। ସମ୍ବଲପୁରୀ-କୋଶଲୀ ଭାଷାକୁ ରାଜଭାଷା ମାନ୍ୟତା ଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଦାବି ଜଣାଇଥିଲେ। ବକ୍ତବ୍ୟ ଦେଇ ସାରିବା ପରେ ଦାବିପତ୍ର ନେଇ ସଭାମଞ୍ଚରେ ଲୋକଙ୍କ ସମ୍ମୁଖରେ ମୁଖ୍ୟମନ୍ତ୍ରୀଙ୍କୁ ହସ୍ତାନ୍ତର କରିଥିଲେ। ସଭା ପରେ ଗଣମାଧ୍ୟମରେ ସରଳ ଭାଷାରେ ନିଜର ବିରୋଧ ଜଣାଇ ଲୋୟର ସୁକ୍‌ତେଲ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇନାହିଁ। ତଥାପି ତରବରିଆ ଭାବେ ଉଦ୍‌ଘାଟନ କରାଯାଉଛି। ଏହା ଏକ ନିର୍ବାଚନୀ ଧୂଆଁବାଣ ବୋଲି କହିଥିଲେ।

### ଗୁରୁଙ୍କୁ କରିଦେଲେ ସମାଲୋଚନା

ଲୋୟର ସୁକ୍‌ତେଲ ପ୍ରକଳ୍ପ ଉଦ୍‌ଘାଟନୀ ସଭାରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ବିଧାୟକ ନରସିଂହ ମିଶ୍ର ଅସମ୍ପୂର୍ଣ୍ଣ ପ୍ରକଳ୍ପ ଉଦ୍‌ଘାଟନ କରାଯାଉଛି ବୋଲି ସମାଲୋଚନା କରିଥିଲେ। ଡ୍ୟାମ୍ ଉଦ୍‌ଘାଟନ କଲେ ପାଣି ବାହାରେ ହେଲେ ଏଠି ପାଣି ନାହିଁ କ'ଣ ବାହାରିବ ବୋଲି ପ୍ରଶ୍ନ କରିଥିଲେ। ଏତକ କଥା ଶୁଣି ସବୁବେଳେ ନରସିଂହଙ୍କୁ ଗୁରୁ ବୋଲି କହିଆସୁଥିବା ମନ୍ତ୍ରୀ ନିରଞ୍ଜନ ପୂଜାରୀ ସମ୍ଭାଳି ପାରି ନ ଥିଲେ। ସଭା ମଞ୍ଚରେ ବଡ ପାଟିରେ କହିଲେ ଯେ, ସୁକ୍‌ତେଲ ଗେଟ୍‌ରୁ ପାଣି ଯାଉଛି ଖଲଖଲ ଖଲଖଲ। ସେ ନିଜେ ଯାଇ ଦେଖିଛନ୍ତି ପାଣି ବାହାରୁଛି ବୋଲି କହିଥିଲେ। ଏଠିକୁ କେହି ଭଡାରେ ଆସିନାହାନ୍ତି ସୁବର୍ଣ୍ଣପୁର ଜିଲାରୁ ୧ ହଜାର ଲୋକ ଆସିଛନ୍ତି ଓ ସଦାଇପାଲିରେ ଖନ୍ଦା (ରନ୍ଧାବଢ଼ା) କରି ଖାଉଥିବା ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସମ୍ମୁଖରେ ଗୁରୁଙ୍କୁ ସମାଲୋଚନା କରି ନିରଞ୍ଜନ ଯାହା ବାର୍ତ୍ତା ଦେବାକୁ ଚାହିଁଲେ ତାକୁ ନେଇ ବେଶ୍ ଆଲୋଚନା ଶୁଣାଯାଉଥିଲା।

### ଧୂଳି ଝଡ଼ରେ ଲୋକେ ନୟାନ୍ତ

ଲୋୟର ସୁକ୍‌ତେଲ ପ୍ରକଳ୍ପ ଉଦ୍‌ଘାଟନୀ ସଭାରେ ଆଜି ହଜାର ହଜାର ଲୋକ ଜମା ହୋଇଥିଲେ। ଶତାଧିକ ଯାତ୍ରୀବାହୀ ବସ, ଚାରିଜକିଆ ଯାନ, ଦୁଇଚକିଆ ଯାନ, ସାଇକଲରେ ୨୦ ହଜାରରୁ ଉର୍ଦ୍ଧ୍ୱ ଲୋକ ସେଠାକୁ ଯାଇଥିଲେ। ହେଲେ ପକ୍କା ରାସ୍ତା ତିଆରି ହୋଇ ନ ଥିବାରୁ ଧୂଳିଝଡ ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। କୁହୁଡି ଭ୍ରମ ସୃଷ୍ଟି କରିଥିଲା। ଧୂଳିରେ ଲୋକେ ନୟାନ୍ତ ହୋଇପଡିଥିଲେ। ପର୍ଯ୍ୟାପ୍ତ ପାଣି ସିଞ୍ଚନ କରାଯାଇ ନ ଥିବାରୁ ଏଭଳି ସମସ୍ୟାଦେଖାଯାଇଥିଲା। ଲୋକେ କଷ୍ଟ ଭୋଗିଥିଲେ।

### ଟୁକୁନୀଙ୍କ ସୁଖର ସୁକ୍‌ତେଲ

ଜଳସମ୍ପଦ ମନ୍ତ୍ରୀ ଟୁକୁନୀ ସାହୁ ବଡ ଖୁସିରେ ଗଦ୍‌ଗଦ୍ ହୋଇପଡିଥିଲେ। ଲୋୟର ସୁକ୍‌ତେଲ ନୁହଁ ଏଟା ସୁଖର ସୁକ୍‌ତେଲ ବୋଲି କହିଥିଲେ। ବିକାଶକୁ ବିରୋଧ କଲେ କ'ଣ ଲାଭ ହେବ ବୋଲି ବାର୍ତ୍ତା ଦେବାକୁ ଚାହିଁଥିଲେ। ମୁଖ୍ୟମନ୍ତ୍ରୀଙ୍କ ହାତମୁଠା ଟାଣ କଲେ ବଲାଙ୍ଗୀର ଦିନେ ଶ୍ରେଷ୍ଠ ଜିଲା ହେବ ବୋଲି କହିଥିଲେ। ତେବେ ବିସ୍ଥାପିତଙ୍କ ଦୁଃଖ ଲାଘବ ପାଇଁ କ'ଣ କରିବେ କିଛି ଠୋସ୍ କହିନଥିବାରୁ ବିସ୍ଥାପିତମାନେ ଦୁଃଖ ପ୍ରକାଶ କରୁଥିବା ଦେଖାଯାଇଥିଲା।

### ମୁହଁରେ ବୋଳିବେ କଳା

ଯେଉଁ ଲୋକମାନେ ଏହି ସଭାରେ ଅସମ୍ପୂର୍ଣ୍ଣ ପ୍ରକଳ୍ପ ଉଦ୍‌ଘାଟନ କରାଗଲା ବୋଲି କହିଲେ ନାରାବାଜି କରୁଛନ୍ତି ସେମାନେ ସତର୍କ ରୁହନ୍ତୁ, ଲୋକେ ଉଚିତ୍ ଜବାବ ଦେଇ ସେମାନଙ୍କ ମୁହଁରେ ଲୋକେ କଳା ବୋଳି ଦେବେ ବୋଲି ବିଧାୟକ ନରସିଂହ ମିଶ୍ର ଚେତାବନୀ ଦେଇଥିଲେ। ବିଧାୟକ ମିଶ୍ର କହିଲା ବେଳେ କିଛି ଲୋକ ପାଟିତୁଣ୍ଡ କରୁଥିବାରୁ ସେ ଏଭଳି କହି ସେମାନଙ୍କୁ ଜବାବ ଦେଇଥିବା ଦେଖିବାକୁ ମିଳିଥିଲା।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ସାବିତ୍ରୀ ବାଈ ଫୁଲେଙ୍କ ୧୯୩ତମ ଜୟନ୍ତୀ ପାଳିତ**

## ନାରୀ ଶିକ୍ଷିତ ହେଲେ ଦେଶ ଆଗେଇବ

କଣ୍ଟାବାଞ୍ଜି, ୩।୧ (ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିଠାରେ କୋଶଲି ମାଲି ସମାଜ ପକ୍ଷରୁ ବୁଧବାର ଜିଲାସ୍ତରୀୟ ସାବିତ୍ରୀ ବାଈ ଫୁଲେଙ୍କ ୧୯୩ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ନୂଆପଡା, କଳାହାଣ୍ଡି, ବରଗଡ ଓ ସୁବର୍ଣ୍ଣପୁର ଜିଲାରୁ ମାଲି ସମାଜ ପ୍ରତିନିଧି ଯୋଗଦେଇଥିଲେ। ହେମାଲ ସଂଘ ଭବନରୁ ଏକ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରି ସଭାସ୍ଥଳରେ ପହଞ୍ଚି ଥିଲା। ଜିଲା ସଭାପତି କାର୍ତ୍ତିକ ପୁଟେଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସମାଜର ରାଜ୍ୟ ସଭାପତି ବାସୁଦେବ ମାର୍ଥା, ଉପସଭାପତି ଦାରସିଂ ପୁଟେଲ, ସମ୍ପାଦକ ଅନିରୁଦ୍ଧ କରୁକୁରିଆ, ସହସମ୍ପାଦକ ତପିମଣୀ ପଟେଲ, ଜିଲା ସମ୍ପାଦକ ତ୍ରିପାଠୀ ପଟେଲ, ରାୟଗଡା ଜିଲା ସଭାପତି ଖଗେଶ୍ୱର ପୁଟେଲ, ନୂଆପଡା ଜିଲା ସଭାପତି ଯୁବରାଜ ପୁଟେଲ, ଉପଦେଷ୍ଟା ଜଗବନ୍ଧୁ ପୁଟେଲ, ଆଇନ ପରାମର୍ଶଦାତା ଶେଷଦେବ ପୁଟେଲ, ପରମାନନ୍ଦ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ନାରୀ ଶିକ୍ଷା ଦ୍ୱାରା ସମାଜର ଉନ୍ନତି ସମ୍ଭବ। ତେଣଉ ସମାଜରୁ କୁସଂସ୍କାର ଦୂର ସହିତ ନାରୀ ଶିକ୍ଷିତ ହେଲେ ଦେଶ ଆଗେଇବ ବୋଲି ଅତିଥିମାନେ କହିଥିଲେ। ସାବିତ୍ରୀ ବାଈ ଫୁଲେ ପରାଧୀନ ଭାରତର ଅନ୍ୟତମ ମହିଳା ଶିକ୍ଷାବିତ ଥିଲେ। ସମାଜ ସଂସ୍କାର କ୍ଷେତ୍ରରେ ତାଙ୍କର ଅବଦାନ ଥିଲା। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇପାରିଲେ ମାଲି ସମାଜର ଉନ୍ନତି ସମ୍ଭବ ବୋଲି ବକ୍ତାମାନେ କହିଥିଲେ। ଏହି ଅବସରରେ ମାଲି ସମାଜର ଅନେକ ଯୁବତୀ ଯୁବକ ହେମାଲ ସଂଘ ଭବନରେ ରକ୍ତଦାନ ଶିବିର କରିଥିଲେ। ମୋଟ ୫୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। କଣ୍ଟାବାଞ୍ଜି ବିଜୁ ପଟ୍ଟନାୟକ ରେଡକ୍ରସ ରକ୍ତ ଭଣ୍ଡାରର ଶିବ ସାହୁ, ପ୍ରଶାନ୍ତ ସାହୁ, ଗୁରୁବାରୁ ରଣା, କୁଣାଲ ଦାସ ଏବଂ ଗଜପତି ବେହେରା ଟେକ୍ନିସିଆନଙ୍କ ସହଯୋଗରେ ରକ୍ତ ସଂଗ୍ରହ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଫୁଟବଲ: ପରସରା ଚାମ୍ପିୟନ

ଟିଟିଲାଗଡ, ୩।୧ (ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ କୁରସୁଡ ମହୁଲଭଟା ଖେଳ ପଡିଆରେ ଚାଲିଥିବା ଅଶ୍ୱିନୀ ନାଏକ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ପରାସରା ଓ ଦିଗସିରା ମଧ୍ୟରେ ହୋଇଥିଲା। ଏହି ଖେଳରେ ପରାସରା ୨-୦ଗୋଲରେ ଦିଗସିରାକୁ ହରାଇ ଚାମ୍ପିୟନ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲା ସାଧାରଣ ସମ୍ପାଦକ ମୁକେଶ କୁମାର ଜୈନ, ସମ୍ମାନୀତ ଅତିଥି ନିମାଇଁ ଚରଣ ବେହେରା, କୃଷକ ସାଥୀ ବିଶ୍ୱଜିତ ନାଏକ, ରମେଶ ଥପା, ପାର୍ଥବ ମହାନନ୍ଦ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଚାମ୍ପିୟନ ପରାସର ଦଳକୁ ଟ୍ରଫି ସହ ୧୮ହଜାର ଟଙ୍କା ଓ ରନର ଅପ ଦିଗସିରା ଦଳକୁ ଟ୍ରଫି ସହିତ ୧୦ହଜାର ଟଙ୍କା ସହିତ ଟ୍ରଫି ଅତିଥିମାନେ ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ସିରିଜ ଦିଗସିରା ଦଳର ରାଜେଶ ପୁଟେଲ, ମ୍ୟାନ ଅଫ ଦି ମ୍ୟାଚ ପରାସରା ଦଳର ଯୁଗଳ ସିଂହ ବିବେଚିତ ହୋଇଥିଲେ। ଆୟୋଜକ କମିଟି ସଭାପତି ନରେଶ ଜାଲ, ସମ୍ପାଦକ ଗଣେଶ ସାହୁ, ଉପସଭାପତି କାହ୍ନା ଜୈନ, ସହସମ୍ପାଦକ ଟୁନୁ ସାହୁ, କୋଷାଧ୍ୟକ୍ଷ ନିହାର ରଞ୍ଜନ ବେହେରା, ରିକୁ ବାଗ, ରଜନୀ ସାହୁ, ଅଶୋକ ସାହୁ, ଦୁର୍ବାଦଳ ଶବର, ଜିତୁ ଭୋଇ, ଭବ ସାଗର ସାହୁ, ରାଜୁ ବିଭାର ଓ ତରୁଣ ବେହେରା ପ୍ରମୁଖ ଟୁର୍ନାମେଣ୍ଟର ସଫଳ ସମାପନରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

**ନିଶାମଣି ଭୋଇ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ**

## ଖଲିଆଖମାରକୁ ଟାଇଟଲ

ମୁରିବାହାଲ,୩।୧ (ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଦେବଙ୍ଗ ମିନି ଷ୍ଟାଡିୟମରେ ଚାଲିଥିବା ୧୨ତମ ନିଶାମଣି ଭୋଇ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ୧୬ଟି ଦଳ ଭାଗ ନେଇଥିବା ବେଳେ ଫାଇନାଲ ମ୍ୟାଚ ଘୁଷୁରାମୁଣ୍ଡା ଓ ଖଲିଆଖମାର ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଖେଳ ବରାବର ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ୫-୪ ଗୋଲରେ ଘୁଷୁରାମୁଣ୍ଡାକୁ ପରାସ୍ତ କରି ଖାଲିଆଖମାର ଚାମ୍ପିୟନ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ କଣ୍ଟାବାଞ୍ଜି ବିଧାୟକ ଆୟୁବ ଖାଁ, ସମ୍ମାନୀତ ଅତିଥିଭାବେ ପଞ୍ଚାୟତ ସମିତି ଅଧକ୍ଷ ହରିବନ୍ଧୁ ମେହେର, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଡ଼. ନାରାୟଣ ମିଶ୍ର, କଣ୍ଟାବାଞ୍ଜି ସୁପରସ୍ପେଶାଲିଟି ହସ୍ପିଟାଲ ଡାକ୍ତର ଅମଜାଦ ଖାଁ, ପତ୍ରାପାଲି(କ)ପଞ୍ଚାୟତର ସମିତି ସଭ୍ୟ ସନ୍ୟାସୀ ପୁଟେଲ, ଜିଲା ବିଜେଡି ଯୁବ ସମ୍ପାଦକ ଦେବରାଜ ଯାଦବ, ରାଜ୍ୟ ସଭା ସଦସ୍ୟଙ୍କ ମୁରିବାହାଲ ବ୍ଲକ ପ୍ରତିନିଧି ସିଦ୍ଧେଶ୍ୱର ଦାସ, ହୁଲେଶ୍ୱର ହଂସ, ଦୁର୍ଗାନନ୍ଦ ମହାକୁର, ଶଙ୍କରପ୍ରସାଦ ମାଝି, ପିତାମ୍ବର ମେହେର ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅତିଥିମାନେ ଉପବିଜେତା ଘୁଷୁରମୁଣ୍ଡା ଓ ଚାମ୍ପିୟନ ଖଲିଆଖମାର ଦଳକୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ। ପ୍ଲେୟାର ଅଫ ଦ ଟୁର୍ନାମେଣ୍ଟ ରାଜୁ ମାଝି, ବେଷ୍ଟ ଗୋଲକିପର ସୌମ୍ୟ, ବେଷ୍ଟ ସ୍କୋରର ଉତ୍ତମ ମାଝି, ବେଷ୍ଟ ଡିଫେନ୍ସ ବିଜୁଙ୍କୁ ପୁରସ୍କୃତ କରାଯାଇଥିଲା। ଆୟୋଜକ କମିଟି ମୁଖ୍ୟ ନେତ୍ରମଣି ଭୋଇ, ସଭାପତି ରାଜେନ୍ଦ୍ର ଭୋଇ, ଟିମ ମ୍ୟାନେଜର ବିଶ୍ୱନାଥ ସାହୁ, ଗଣାଧିପ ଦାସ, ଜିତେନ ବାଗ, ଲିଙ୍ଗରାଜ ଭୋଇ, ଡୁଲାମଣି ଦାସ, ଅଶୋକ ଦୀପ, ଅମିତ ମହମ୍ମଦ, ଜନ୍ମେଜୟ ଭୋଇ, ଶୁଭ୍ରାଂଶୁ ଭୋଇ, ମୋହନ ନେଉରା, ବୀରେନ୍ଦ୍ର ଖଟୁଆ, ରାଜେଶ ପୁଟେଲ, ଲୋକେଶ୍ୱର ପୁଟେଲ, ଚୂଡାମଣି ଭୋଇ ପ୍ରମୁଖ ଟୁର୍ନାମେଣ୍ଟର ସଫଳ ଆୟୋଜନରେ ସହଯୋଗ କରିଥିଲେ।




ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଖଲିଆଖମାର ଦଳ ଖେଳାଳିମାନେ।



ପଏଁର ତିହାର-୨୦୨୪ ଅବସରରେ ବୁଧବାର ସୋନପୁର ପଏଁରୀ ଅନୁଷ୍ଠାନର କଳାକାର ସମ୍ବଲପୁରୀ ଲୋକନୃତ୍ୟ ପରିବେଷଣ କରୁଛନ୍ତି ।

# ଲୋକନୃତ୍ୟ, ସଙ୍ଗୀତରେ ଝୁମିଲେ ଦର୍ଶକ

ସୋନପୁର,୩।୧(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ପଏଁରୀ ଅନୁଷ୍ଠାନ ପକ୍ଷରୁ ନୂତନ ଟାଉନ ହଲଠାରେ ଚାଲିଥିବା ଜାତୀୟ ପାରମ୍ପରିକ ଲୋକନୃତ୍ୟ ଓ ସଙ୍ଗୀତ ଉତ୍ସବ ପଏଁରୀ ତିହାର-୨୦୨୪ ବୁଧବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଲୋକନୃତ୍ୟ ଓ ଲୋକ ସଙ୍ଗୀତର ତାଳେ ତାଳେ ଝୁମିଥିଲେ ଦର୍ଶକ। ପଏଁରୀ ଅନୁଷ୍ଠାନର ସଭାପତି ଲଡୁକିଶୋର ମଲ୍ଲିକଙ୍କ ସଭାପତିତ୍ୱରେ ସାଂସ୍କୃତିକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସୁବର୍ଣ୍ଣପୁରର କଳା ଓ ସଂସ୍କୃତି ଅନନ୍ୟ ବୋଲି କହିଥିଲେ। ସେହିପରି ପଏଁରୀ ଅନୁଷ୍ଠାନ ଜିଲାର ସମ୍ମାନ ବଢାଇଥିବା ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ହସ୍ତତନ୍ତ, ବସ୍ତ୍ର ଓ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ ରୀତା ସାହୁ, ରାଜ୍ୟସଭା ଏମ୍‌ପି ନିରଞ୍ଜନ ବିଶି, ସୁବର୍ଣ୍ଣପୁର ଏସ୍‌ପି ଅମରେଶ କୁମାର ପଣ୍ଡା, ଅବକାରୀ ଅଧୀକ୍ଷିକା ସୁମତି ତ୍ରିପାଠୀ, ଅଭିମନ୍ୟୁ କୁଶଳ, ଶ୍ରୀବସ୍ତ ମଲ୍ଲିକ ଓ ପ୍ରଫୁଲ୍ଲ ନାଏକ ଯୋଗଦାନ କରି କହିଥିଲେ ଲୋକକଳା ଓ ଲୋକସଂସ୍କୃତି ଅଞ୍ଚଳର ପରିଚୟ। ତେଣୁ ଲୋକକଳା ଓ କଳାକାରଙ୍କୁ ବଞ୍ଚାଇ ରଖିବାକୁ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବଡକର୍ଲେର ବରିଷ୍ଠ ବାଦ୍ୟ କଳାକାର ଉପେନ୍ଦ୍ର ପ୍ରଧାନଙ୍କୁ ପଏଁରୀ ବାଦ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। ପଏଁରୀ ଅନୁଷ୍ଠାନର ସମ୍ପାଦକ ଚୌଧୁରୀ ବିଭାର ଓ ସୁଶାନ୍ତ ସାହୁଙ୍କ ସଂଯୋଜନାରେ ସୋନପୁର ପଏଁରୀ ଅନୁଷ୍ଠାନର



ବରିଷ୍ଠ କଳାକାର ଉପେନ୍ଦ୍ର ପ୍ରଧାନଙ୍କୁ ପଏଁରୀ ବାଦ୍ୟ ସମ୍ମାନରେ ସମ୍ମାନିତ କରାଯାଉଛି।

## ପଏଁରୀ ତିହାର ଉଦ୍‌ଯାପିତ

ଡାଲଖାଇ, ଆସାମର ବିହୁ, ମୟୁରଭଞ୍ଜର ଛଉ, ଗୁଜୁରାଟର ଲୋକନୃତ୍ୟ ଓ ଖୋର୍ଦ୍ଧା ନୂପୁରଧ୍ୱନି ଡ୍ୟାନ୍ସ ଏକାଡେମୀର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସେହିପରି ଜିଲାର କଳାକାରଙ୍କ ଦ୍ୱାରା ଲୋକସଙ୍ଗୀତ ଗାନ କରାଯାଇଥିଲା। କଳା, ସଂସ୍କୃତି ଅନୁଷ୍ଠାନ ପଁଏରୀ ପକ୍ଷରୁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ, କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡିଶା ସରକାରଙ୍କ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜିଲା ସଂସ୍କୃତି ପରିଷଦର ମିଳିତ ସହଯୋଗରେ ଏହି ଉତ୍ସବ ଆୟୋଜନ ହୋଇଥିଲା। ସନ୍ତୋଷ ମିଶ୍ର, ସନ୍ତୋଷ ପାଢୀ, ସୌମ୍ୟରଞ୍ଜନ ସେଠୀ, ସଞ୍ଜୟ ସାହୁ ଓ ରାମ ମଲ୍ଲିକ ପ୍ରମୁଖ ଉତ୍ସବ ଆୟୋଜନରେ ସହଯୋଗ କରିଥିଲେ।

# ହାଇଓ୍ୱା ଡ୍ରାଇଭରଙ୍କୁ ଖୋଜୁଛି ପୋଲିସ

ସୋନପୁର,୩।୧(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ବ୍ଲକ ଛକ ଟ୍ରାଫିକ୍ ପୋଷ୍ଟରେ ମଙ୍ଗଳବାର ରାତିରେ ସ୍କୁଟିକୁ ଏକ ହାଇଓ୍ୱା (ନଂ ଓଡି୩୧ଏଲ-୩୧୮୦) ଧକ୍କା ଦେଇଥିଲା। ଫଳରେ ସ୍କୁଟିରେ ଯାଉଥିବା ରାଜକୁମାର ମହାକୁର ଓ ତାଙ୍କ ପୁଅ ଓମ୍‌ପ୍ରୀତ୍‌ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଏନେଇ ମୃତ ରାଜକୁମାରଙ୍କ ମାମୁଁ ସରୋଜ କୁମାର କମ୍ପ ସୋନପୁର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରିବା ସହ ହାଇଓ୍ୱାକୁ ଜବତ କରିଛି। ତେବେ ଦୁର୍ଘଟଣା ଘଟାଇଥିବା ଡ୍ରାଇଭରଙ୍କୁ ପୋଲିସ ଗିରଫ କରି ପାରିନାହିଁ।

ପ୍ରକାଶ ଯେ, ଦୁର୍ଘଟଣା ପରେ ହାଇଓ୍ୱାଟି ସ୍କୁଟିକୁ ପ୍ରାୟ ଅଧା କିଲୋମିଟର ଦୂର ଘୋଷାଡି ନେଇଥିଲା। ତେବେ ହାଇଓ୍ୱାରେ ନିଆଁ ଲାଗିଯିବାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ

## ହାଇଓ୍ୱା ଧକ୍କାରେ ବାପ ପୁଅ ମୃତ୍ୟୁ ଘଟଣା

ଡ୍ରାଇଭର ଗାଡି ଛାଡି ଫେରାର ହୋଇ ଯାଇଥିଲେ। ଦୁର୍ଘଟଣା ସମୟରେ ଟ୍ରାଫିକ୍ ପୋଷ୍ଟ ନିକଟରେ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ ମଧ୍ୟ ହାଇଓ୍ୱା ସହିତ ଡ୍ରାଇଭର ଫେରାର ହୋଇ ଯାଇଥିଲେ। ଏହି ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ସୋନପୁର ପୋଲିସ ଏସ୍‌ଡିପିଓଙ୍କ ଗାଡି ଭଙ୍ଗାରୁଜା କରିଥିଲେ। ତେବେ ଅଭିଯୋଗ ଅନୁଯାୟୀ ଡ୍ରାଇଭରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ କର୍ତ୍ତବ୍ୟରେ ଅବହେଳା କରିଥିବା ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଏସ୍‌ପି ଅମରେଶ କୁମାର ପଣ୍ଡା ପ୍ରତିଶ୍ରୁତି ଦେବା ପରେ ଉତ୍ତେଜନା ପ୍ରଶମିତ ହୋଇଥିଲା।

# ପାଇକମାଳ ହାଇସ୍କୁଲରେ ମାନ ନିର୍ଦ୍ଧାରଣ ଶିବିର




ମାନ ନିର୍ଦ୍ଧାରଣ ଶିବିରରେ ମଞ୍ଚାସୀନ ଅତିଥି।

ପାଇକମାଳ, ୩।୨(ବଡ ଶତପଥୀ)

ବରଗଡ ଜିଲା ପାଇକମାଳ ସରକାରୀ ଉଚ୍ଚବିଦ୍ୟାଳୟରେ ବ୍ଲକସ୍ତରୀୟ ବିଦ୍ୟାଳୟଭିତ୍ତିକ ମାନ ନିର୍ଦ୍ଧାରଣ ପ୍ରଶିକ୍ଷଣ ଶିବିର ଗୋଷ୍ଠୀ ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ତ୍ରିଦିବସୀୟ ପ୍ରଶିକ୍ଷଣ ଶିବିରରେ ୧୫ଟି କ୍ଲଷ୍ଟରର ୧୫୩ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରଶିକ୍ଷଣ ନେଉଛନ୍ତି। ଅବସରପ୍ରାପ୍ତ ବିଇଓ ସୁରେନ୍ଦ୍ର କୁମାର ପୁରୋହିତ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏବିଇଓ ଧଳେନ୍ଦ୍ର କୁମାର ବାରିକ ପ୍ରଶିକ୍ଷଣର ଆବଶ୍ୟକତା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ଦ୍ୱାଦଶ କୁମାର ପଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଧନକର୍ମୀ ବ୍ରଜକିଶୋର ଜେନା, ଡୋଳାମଣି ମାହାର, ବିକାଶ ସ୍ୱାଇଁ, ଉଗ୍ରସେନ ପଧାନ, ଋଷଭ ସାହୁ, ରଞ୍ଜନ ବାଗ, ନିରଞ୍ଜନ ହରିଜନ, ବସୁଦେବ କୁମ୍ଭାର, କେଦାରନାଥ ରାଉତ, ମହେଶ୍ୱର ହରିପାଳ, ମନୋରଞ୍ଜନ ପଟେଲ ଓ ରାଧାକୃଷ୍ଣ ସାହା ପ୍ରଶିକ୍ଷଣ ଦେଉଛନ୍ତି। ସୁଶାନ୍ତ କୁମାର ସାହୁ ମଞ୍ଚାସୀନ ଥିଲେ। ତ୍ରିଲୋଚନ ନାଏକ ଶିବିର ପରିଚାଳନା ଓ ଏବିଇଓ ରାଧେଶ୍ୟାମ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ବନବିଭାଗର ଚଢ଼ାଉ: ଲକ୍ଷାଧିକ ଟଙ୍କାର ସାଗୁଆନ କାଠ ଜବତ

ନୂଆପଡ଼ା,୩।୧(ମକାରୁ ବେମାଲ)

ନୂଆପଡ଼ା ସଦର ବ୍ଲକ ବିଶୋରା ଗାଁରେ ବନବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ସେଠାରୁ ଲକ୍ଷାଧିକ ଟଙ୍କାର ସାଗୁଆନ କାଠ ଜବତ ହୋଇଛି। ଏହି ଗାଁରେ ବେଆଇନ ଭାବରେ ଚୋରାରେ କାଠ କାରବାର ଚାଲିଥିବା ଅଭିଯୋଗ ହୋଇଆସୁଥିଲା। ସୂଚନା ମୁତାବକ ବିଶୋରା ଗାଁରେ ଦୀର୍ଘ ଦିନରୁ ବେଆଇନ ଭାବରେ କରତକଳ ଚାଲିଛି। ଗାଁରେ କରତକଳ ବସାଇ ଅଞ୍ଚଳର ସାଗୁଆନ ଗଛ ସହ ମୂଲ୍ୟବାନ ଗଛସବୁ କାଟି ବିକ୍ରୟ କରାଯାଉଥିଲା। ଅଞ୍ଚଳର ଲୋକେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିଲା। ବୁଧବାର ବାହାରକୁ ସାଗୁଆନ କାଠ ଓ ପଟା ଚାଲାଣ କରାଯାଉଥିବା ସମୟରେ ଖରିଆରରୋଡ ବନ ବିଭାଗ କୌଣସି ସୂତ୍ରରୁ ଖବର ପାଇଥିଲା। ରେଞ୍ଜର ଦୀନବନ୍ଧୁ ମେହେରଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ବିଶୋରା ଗାଁରେ ଚଢାଉ କରାଯାଇଥିଲା। ସେଠାରୁ ଗାଡ଼ି ସହ ଲକ୍ଷାଧିକ ଟଙ୍କାର ସାଗୁଆନ କାଠ ଜବତ କରାଯାଇଥିଲା। ଜବତ ସମୟରେ ରେଞ୍ଜର ମେହେରଙ୍କ ସମେତ ବିନୋଦ ବିହାରୀ ନାୟକ, କ୍ଷମାସାଗର ଶବର ପ୍ରମୁଖ ଉପସ୍ଥିତ ଥିଲେ।

# ବିରାଟ ଧନୁଯାତ୍ରା ମହୋତ୍ସବର ଷଷ୍ଠ ସନ୍ଧ୍ୟା



କଂସଙ୍କ ସହିତ ମୁମ୍ବାଇକୁ ଆସିଥିବା ମାଳଖମ୍ବ ଦଳ।

ଉଲୁଣ୍ଡା,୩।୧(ଉରୁକ୍ରମ ପାଣ୍ଡିଆ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡାରେ ଚାଲିଥିବା ବିରାଟ ଧନୁଯାତ୍ରା ମହୋତ୍ସବର ବୁଧବାର ଥିଲା ଷଷ୍ଠ ସନ୍ଧ୍ୟା। ପୌରାଣିକ କଥାବସ୍ତୁ ଆଧାରରେ ଆଜି ଦରବାରରେ ଦେବକୀଙ୍କ ଅଷ୍ଟମ ଗର୍ଭ ସନ୍ତାନ ଗୋପ ନଗ୍ରେ ବଢୁଥିବା ଜାଣି ବିଷ କନ୍ୟା ପୁତନାକୁ ମଥୁରାରୁ ଗୋପପୁରକୁ ପ୍ରେରଣ କରିଥିଲା କଂସ । କିନ୍ତୁ ବିଧିର ବିଧାନ କେ କରିବ ଆନ । କୃଷ୍ଣ କ୍ଷୀର ସଙ୍ଗେ

## ପୁତନା ବଧରେ କଂସ ମର୍ମାହତ

ପ୍ରାଣ ଶୋଷଲାରୁ ନାଶ ଗଲା ପୁତନା । ଦୂତ ମୁଖରୁ ପୁତନାର ନିଧନ ଶୁଣି କଂସ ମର୍ମାହତ ହୋଇ ପଡେ । ଏହି ସମୟରେ ଦେବର୍ଷି ନାରଦଙ୍କ ପରାମର୍ଶ କ୍ରମେ ଅଙ୍ଗିରା ନଦୀ ତଟେ ଥିବା ଅଷ୍ଟମଲ୍ଲ ବୀର ଅକା, ବକା, ଧେନୁ, ତ୍ରୁଣା, ଷଣ୍ଢା, ସକଟା, ଚାରୁଣ, ମୁଷ୍ଟିକଙ୍କୁ ସିଦ୍ଧ ମନ୍ତ୍ର ଜପି କଂସ ସ୍ମରଣ କରେ । ଗୋଟି ଗୋଟି କରି ଷଡ଼ମଲ୍ଲଙ୍କୁ କୃଷ୍ଣ ବଳାରାମଙ୍କୁ ବିନାଶ ପାଇଁ ଗୋପ ନଗ୍ରକୁ ପଠାଗଲା ଆଦି ପରିବେଷିତ ହୋଇଥିଲା। ସେହିପରି ଗୋପପୁରରେ ହରିବଂଶ ପଠନ ସହିତ ଶ୍ରୀକୃଷ୍ଣଙ୍କ ବାଲ୍ୟ ଲୀଳା ପରିବେଷିତ ହୋଇଥିଲା। ମୁମ୍ବାଇରୁ ଆସିଥିବା ମାଳଖମ୍ବ ଦଳ ଦରବାରରେ ତାଙ୍କ କଳା ପ୍ରଦର୍ଶନ କରିଥିଲେ। ଏହାସହିତ ଆଞ୍ଚଳିକ ଲୋକନୃତ୍ୟ ଓ ବିଭିନ୍ନ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

# ଦେଓଗାଁ ନୂତନ ଥାନା କୋଠା ଉଦ୍‌ଘାଟିତ

ଦେଓଗାଁ, ୩।୧(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନାର ନୂତନ କୋଠା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋୟର ସୁକତେଲ ପ୍ରକଳ୍ପ ଉଦ୍‌ଘାଟନ ପାଇଁ ଆସିଥିବା ଅବସରରେ ନବନିର୍ମିତ ଥାନା କୋଠା ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନ ପରେ ଅଞ୍ଚଳର ଭଦ୍ର ବ୍ୟକ୍ତିଙ୍କ ଉପସ୍ଥିତିରେ ଦେଓଗାଁ ଥାନାଧିକାରୀ ତାରାବତୀ ପଧାନ ଓ କର୍ମଚାରୀ ଅଫିସ କୋଠାକୁ ପ୍ରବେଶ କରିଥିଲେ। ଏହି ଥାନା ଅଧିନରେ ୧୧୬ଟି ଗାଁ ରହିଛି । ବର୍ତ୍ତମାନ ଥାନାରେ ଆବଶ୍ୟକ କନେଷ୍ଟେବଳ ୧୮ ଜଣ ମଧ୍ୟରୁ ୮ ଜଣ, ହୋମଗାର୍ଡ ୨୨ ଜଣଙ୍କ ମଧ୍ୟରୁ ୧୩ ଜଣ ଅଛନ୍ତି । ଥାନା ଅଞ୍ଚଳରଆୟତନ ଅଧିକ ହେଉଥିବାରୁ ଷ୍ଟାଫ ପୂରଣ ଦିଗରେ ବିଭାଗ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି ।



# ବନ କର୍ମଚାରୀଙ୍କୁ ଅଟକ ରଖିଲେ ଗ୍ରାମବାସୀ

ପାଟଣା,୩।୧(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ଅଞ୍ଚଳରେ ୨ ସପ୍ତାହରୁ ଉର୍ଦ୍ଧ୍ୱ ସମୟ ହେବ ୨୩ ଟିକିଆ ହାତୀପଲଙ୍କ ଉତ୍ପାତ ଥମୁନାହିଁ। ମଙ୍ଗଳବାର ରାତିରେ ହାତୀପଲ ପୁଣି ୧୦ ଘର ଭାଙ୍ଗିଛନ୍ତି। ହାତୀ ଉପଦ୍ରବରେ ଅତିଷ୍ଠ ଲୋକେ ବୁଧବାର ପାଟଣା ସାହାରପଡ଼ା ଦେଇ ଯାଇଥିବା ୨୨୦ ନମ୍ବର୍ ଜାତୀୟ ରାଜପଥର ଧାନବେଣି ନିକଟରେ ବନ ବିଭାଗ ସାହାରପଡ଼ା ସେକ୍ସନର ଗାଡ଼ି ସହ ଗାର୍ଡ ଦୀପକ ରଣା ଓ ୨ କର୍ମଚାରୀଙ୍କୁ ଅଟକ ରଖିଥିଲେ। ସୂଚନାଯୋଗ୍ୟ, ମଙ୍ଗଳବାର ବିଳମ୍ବିତ ରାତିରେ ହାତୀପଲ ସାହାରପଡ଼ା ସେକ୍ସନ ଧାନବେଣୀ ଗ୍ରାମର ଫକିର ମହାନ୍ତ ଓ କୃଷ୍ଣ ମହାନ୍ତଙ୍କ ଟାଇଲଘର, ଶିବ ମହାନ୍ତ ଓ ବିପ୍ଳବ ମହାନ୍ତଙ୍କ ଖପର ଘର ଭାଙ୍ଗିବା ସହ ଗ୍ରାମର ୫ ଚାଷୀଙ୍କ କୋବି, ବିଲାତି କଦଳୀ ବଗିଚା ଫସଲ ଓ ଧାନ ଖାଇ ଦେଇଛନ୍ତି। ମଙ୍ଗଳପୁର ଗ୍ରାମର ପ୍ରଦୀପ ନାଏକ, ମହେନ୍ଦ୍ର ନାଏକ, ବନମାଳୀ ମହାରଣା, ରବି ନାଏକ ଓ ଡିଆନନାଳି ଗ୍ରାମର ମହେଶ୍ୱର ମୁଦିଙ୍କ ଘର ହାତୀପଲ ଭାଙ୍ଗି ଦେଇଛନ୍ତି। ଏଥିସହ ଗତବର୍ଷ ହାତୀପଲ ଧାନବେଣୀ ଗାଁର ବେଲବତୀ ମୁଣ୍ଡାଙ୍କ ଘର ଭାଙ୍ଗି ଦେଇଥିଲେ ହେଁ ବେଲବତୀ ଏ ପର୍ଯ୍ୟନ୍ତ କ୍ଷତିପୂରଣ ପାଇ ପାରି ନାହାନ୍ତି। ହାତୀ ଉପଦ୍ରବ ଓ କ୍ଷତିପୂରଣ ନ ମିଳିବାକୁ ନେଇ ବନ କର୍ମଚାରୀ ଲୋକଙ୍କ ଆକ୍ରୋଶର ଶିକାର ହୋଇଥିଲେ। ସାହାରପଡ଼ା ବନପାଳ ଭୂପତି ସେଠୀ ଫୋନ ଯୋଗେ କ୍ଷତିପୂରଣ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ବନ କର୍ମଚାରୀ ଓ ଗାଡ଼ି ଛାଡ଼ିଥିଲେ। ରେଞ୍ଜର ବନ ବିହାରୀ ସର୍ଦ୍ଦାର କହିଛନ୍ତି, ଏ ଘଟଣାଟି ଗତବର୍ଷର, ତଦନ୍ତ ପରେ ସେ ମହିଳା ଜଣକ ଯୋଗ୍ୟ କି ନୁହନ୍ତି କହିବେ।

# ବ୍ଲକରେ ଉନ୍ନୟନ କାର୍ଯ୍ୟ ରୂପାୟନ ଉପରେ ଗୁରୁତ୍ୱ

ଅମରପାଲି,୩।୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସରପଞ୍ଚ ସଂଘର ଏକ ବୈଠକ ସଂଗ୍ରାମପୁର ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାନେତ୍ରୀ ଶ୍ରୀୟା କର୍ମୀ ଉକ୍ତ ବୈଠକରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ସର୍ବସମ୍ମତି କ୍ରମେ ଖପ୍ରାଖୋଲ ବ୍ଲକ ଡ଼ଙ୍ଗରିଆ ସରପଞ୍ଚ ସୁଶୀଲ କୁମାର ଗୁରୁଙ୍କୁ କଣ୍ଟାବାଞ୍ଜି ପିଡବ୍ଲୁଡି ବିଭାଗ ଏସଡିଓ ଏବଂ ଜେଇ କରିଥିବା ମରଣାନ୍ତକ ଆକ୍ରମଣର ଦୃଢ଼ ନିନ୍ଦା କରାଯାଇଥିଲା। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆନ୍ଦୋଳନାତ୍ମକ ପଦକ୍ଷେପ ନେବାକୁ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଥିଲା। ବ୍ଲକରେ ଉନ୍ନୟନ

## ବୀରମହାରାଜପୁର ବ୍ଲକ ସରପଞ୍ଚ ସଂଘର ବୈଠକ

କାର୍ଯ୍ୟ ରୂପାୟନ ରେ ହେଉଥିବା ଅସୁବିଧା ସମ୍ପର୍କରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହ ଆଲୋଚନା କରି ସମାଧାନ କରିବା ଓ ନୂତନ ଗୋଷ୍ଠୀ ଓ ବ୍ୟକ୍ତିଗତ ପ୍ରକଳ୍ପ ଅନୁମୋଦନ ପାଇଁ ପ୍ରସ୍ତାବ ପଠାଇବାକୁ ଆଲୋଚନା ହୋଇଥିଲା। ଗ୍ରାମ ପଞ୍ଚାୟତ ଉନ୍ନୟନ ପ୍ରକ୍ରିୟାରେ ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀଙ୍କ ଭାଗିଦାରୀ ଜରୁରୀ ଥିବାରୁ ଆଗାମୀ ଦିନରେ ସରପଞ୍ଚ ସଂଘ କର୍ଯ୍ୟକର୍ତ୍ତା, ସମନ୍ୱୟ କମିଟି ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହ ଆଲୋଚନା କରି ଉନ୍ନୟନ ପ୍ରକ୍ରିୟାକୁ ଆଗକୁ ନେବାକୁ ସ୍ଥିରୀକୃତ ହେଇଥିଲା। ଆଲୋଚନାରେ ସଂଘର ଉପଦେଷ୍ଟା ସୁବଳୟା ସରପଞ୍ଚ ପ୍ରମୋଦ ମହାପାତ୍ର, ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ଜଗଦଲା, ମୁର୍ଷୁଣ୍ଡି ସରପଞ୍ଚ ମନୋଜ କୁମାର ସାହୁ, ସଂଘ ଉପ ସଭାପତି ଅନୁସୟା ପଧାନ, ସଂପାଦକ ସୂର୍ଯ୍ୟ ନନ୍ଦ, ବାଗବର ସରପଞ୍ଚ ନିରୁପମା ବଗର୍ତ୍ତି, ଖଣ୍ଡହତା ସରପଞ୍ଚ ଜୟଶ୍ରୀ ଦେହେରୀ, ସଂଗ୍ରାମପୁର ସରପଞ୍ଚ ଅଳକା କର୍ମୀ, କେନଝିରିଆପାଲି ସରପଞ୍ଚ ସସ୍ମିତା ଦୀପ, ପିତାମହୁଲ ସରପଞ୍ଚ ଆକସ୍ମିତା ବଡ଼ିଆ, ବହଳପଦର ସରପଞ୍ଚ ନିରୁପମା ସେଠୀ, ଦୁର୍ଜନତୈଲା ସରପଞ୍ଚ ବିଷ୍ଣୁପ୍ରିୟା କୁମ୍ଭାର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ହିଲୁଙ୍ଗ ସରପଞ୍ଚ ବନିତା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଉପସ୍ଥିତ ସରପଞ୍ଚ।

# ଠେଙ୍ଗୋ ଡ୍ୟାମରେ ଦୁର୍ବୃତ୍ତଙ୍କ ଦାଦାଗିରି

ଅମରପାଲି,୩।୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡର ହରିହର ଯୋର ଜଳସେଚନ ପ୍ରକଳ୍ପ (ଠେଙ୍ଗୋ ଡ୍ୟାମ)ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ। ଏଠାକୁ ପ୍ରତ୍ୟହ ଜିଲା ଓ ଜିଲା ବାହାରର ତଥା ରାଜ୍ୟ ବାହାରୁ ହଜାର ହଜାର ପର୍ଯ୍ୟଟକଙ୍କ ସମାଗମ ହୋଇଥାଏ। ଏହାସହିତ ଅନେକ ପିକନିକ ପାର୍ଟି ମଧ୍ୟ ଏଠାକୁ ବଣଭୋଜି କରିବାକୁ ଆସିଥାନ୍ତି। ସେମାନଙ୍କୁ ଆକୃଷ୍ଟ କରିବାକୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ପର୍ଯ୍ୟଟକଙ୍କ ନୌକା ବିହାର ପାଇଁ ବୋଟ ଆସିଛି। ମାତ୍ର ଏହା ଉଦ୍‌ଘାଟନ ଅପେକ୍ଷାରେ ରହିଛି। ତେବେ ଏହି ବୋଟକୁ କିଛି ଦୁର୍ବୃତ୍ତ ଭଙ୍ଗାରୁଜା କରିଥିବା ନେଇ ବୀରମହାରାଜପୁର ଥାନାରେ ନଂ ୨/୨୪ରେ ଏକ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି।

ସୂଚନା ଅନୁସାରେ, ଗତ ଜାନୁୟାରୀ ୧ ତାରିଖରେ ନବବର୍ଷ ଉପଲକ୍ଷେ ବହୁ ପର୍ଯ୍ୟଟକ ଭୋଜି କରିବା ପାଇଁ ଆସିଥିବା ବେଳେ କେତେଜଣ ଅସାମାଜିକ ଯୁବକ ନୌକା ବିହାର କରିବା ପାଇଁ ସମ୍ପୃକ୍ତ କର୍ମଚାରୀଙ୍କ ନିକଟରେ ଜିଦ




ଠେଙ୍ଗୋ ଡ୍ୟାମରେ ଥିବା ବୋଟର କାଚ ଭାଙ୍ଗି ଦେଇଛନ୍ତି।

## ନୌକା ବିହାର ପାଇଁ ଥିବା ବୋଟକୁ ଭାଙ୍ଗିଲେ

କରିଥିଲେ। କର୍ମଚାରୀ ଜଣକ ମନା କରିବାରୁ ସେମାନେ ଗଣ୍ଡଗୋଳ କରି ଫେରିଥିଲେ। କିନ୍ତୁ ସନ୍ଧ୍ୟା ସମୟରେ କେହି ନ ଥିବାର ସୁଯୋଗ ନେଇ ସେମାନେ ବୋଟର କାଚ ଭାଙ୍ଗିବା ସହ ବୋଟର ଅନେକାଂଶ କ୍ଷତି କରିଥିବା ନେଇ ବୀରମହାରାଜପୁର ଥାନାରେ ଦାୟିତ୍ୱରେ ଥିବା ବନରକ୍ଷୀ ରଘୁମଣି ଭୋଇ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ଠେଙ୍ଗୋ ଡ୍ୟାମ ନିକଟସ୍ଥ ସାଗଜୁରି ଗ୍ରାମର କେତେଜଣ ଯୁବକ ବୋଟ ଭାଙ୍ଗିଥିବା ନେଇ ସେ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ହରିହର ଯୋର ଫାଣ୍ଡି ଅଧିକାରୀ ଏଏସଆଇ ଅରକ୍ଷିତ ମାଝି ଏନେଇ ଅଧିକ ତଦନ୍ତ ଜାରି ରହିଛି ଏବଂ ବୋଟ ଭାଙ୍ଗିଥିବା ଅଭିଯୁକ୍ତମାନଙ୍କୁ ଶୀଘ୍ର ଧରାଯିବ ବୋଲି ପ୍ରକାଶ କରିଛନ୍ତି। ଉକ୍ତ ଘଟଣାକୁ ଅଞ୍ଚଳରେ ତୀବ୍ର ନିନ୍ଦା କରାଯାଇଛି। ସୂଚନା ଯୋଗ୍ୟ ଠେଙ୍ଗୋ ଡ୍ୟାମରେ ଆବଶ୍ୟକ ଠାରୁ କମ କର୍ମଚାରୀ ଥିବାରୁ ନବବର୍ଷରେ ମଧ୍ୟ ଏଠାରେ ପାଟ୍ରୋଲିଂ ଠିକରେ ହୋଇ ନ ଥିବା ସ୍ଥାନୀୟ ଲୋକେ ଓ ପର୍ଯ୍ୟଟକମାନେ ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

### କଳିଙ୍ଗ ହର୍ବାଲ ମେଳା ଆଜିଠାରୁ

ରାଉରକେଲା,୩।୧(ସଙ୍ଗୀତା ଜେନା): ରାଉରକେଲା ଅଞ୍ଚଳରେ ଝାଡ଼ାବାନ୍ତି ସ୍ଥିତି ଗମ୍ଭୀର ଥିବା ଯୋଗୁ ବନ ବିଭାଗ ଆୟୋଜିତ କଳିଙ୍ଗ ହର୍ବାଲ ମେଳା ସ୍ଥଗିତ ରଖାଯାଇଥିଲା। ଏହା ଜାନୁଆରୀ ୪ରୁ ଆରମ୍ଭ ହେବ। ଏ ନେଇ ମଙ୍ଗଳବାର ସନ୍ଧ୍ୟାରେ ବନ ବିଭାଗ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ରାଉରକେଲା ବନ ବିଭାଗ ଓ ବୃକ୍ଷ ପରିଷଦ ମିଳିତ ଆନୁକୂଲ୍ୟରେ ଚଳିତ ଥର ଏହି ମେଳା ସେକ୍ଟର-୫ ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହେବ। ଏହା ୮ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବାବେଳେ ରାଜ୍ୟ ଓ ବାହାରୁ ପ୍ରାୟ ୮୦ଟି ଷ୍ଟଲ୍ ଲାଗିବ। ପ୍ରତିଷ୍ଠିତ ବୈଦ୍ୟମାନେ ରୋଗୀଙ୍କୁ ପରାମର୍ଶ ଦେବେ। ଖବରଦାତା ସମ୍ମିଳନୀରେ ଏସିଏଫ୍ ସଲବିନ୍ଦର ସିଂ, ସୌମ୍ୟରଞ୍ଜନ ଗୋଚ୍ଛାୟତ, ପାନପୋଷ ରେଞ୍ଜର ଜ୍ଞାନେନ୍ଦ୍ର ଲିମା ପ୍ରମୁଖ ଉପସ୍ଥିତ ଥିଲେ।

### ବନ ବିଭାଗ ଚଢ଼ାଉ: ଲକ୍ଷାଧିକ ଟଙ୍କାର ସାଗୁଆନ କାଠ ଜବତ

ନୂଆପଡ଼ା,୩।୧(ମକାରୁ ବେମାଲ): ନୂଆପଡ଼ା ସଦର ବ୍ଲକ ବିଶୋରା ଗାଁରେ ବନବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ସେଠାରୁ ଲକ୍ଷାଧିକ ଟଙ୍କାର ସାଗୁଆନ କାଠ ଜବତ ହୋଇଛି। ଏହି ଗାଁରେ ବେଆଇନ ଭାବରେ ଚୋରାରେ କାଠ କାରବାର ଚାଲିଥିବା ଅଭିଯୋଗ ହୋଇଆସୁଥିଲା। ସୂଚନା ମୁତାବକ ବିଶୋରା ଗାଁରେ ଦୀର୍ଘ ଦିନରୁ ବେଆଇନ ଭାବରେ କରତକଳ ଚାଲିଛି। ଗାଁରେ କରତକଳ ବସାଇ ଅଞ୍ଚଳର ସାଗୁଆନ ଗଛ ସହ ମୂଲ୍ୟବାନ ଗଛସବୁ କାଟି ବିକ୍ରୟ କରାଯାଉଥିଲା। ଅଞ୍ଚଳର ଲୋକେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିଲା। ବୁଧବାର ବାହାରକୁ ସାଗୁଆନ କାଠ ଓ ପଟା ଚାଲାଣ କରାଯାଉଥିବା ସମୟରେ ଖରିଆରରୋଡ ବନ ବିଭାଗ କୌଣସି ସୂତ୍ରରୁ ଖବର ପାଇଥିଲା। ରେଞ୍ଜର ଦୀନବନ୍ଧୁ ମେହେରଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ବିଶୋରା ଗାଁରେ ଚଢ଼ାଉ କରାଯାଇଥିଲା। ସେଠାରୁ ଗାଡ଼ି ସହ ଲକ୍ଷାଧିକ ଟଙ୍କାର ସାଗୁଆନ କାଠ ଜବତ କରାଯାଇଥିଲା। ଜବତ ସମୟରେ ରେଞ୍ଜର ମେହେରଙ୍କ ସମେତ ବିନୋଦ ବିହାରୀ ନାୟକ, କ୍ଷମାସାଗର ଶବର, କାହ୍ନା ନାଏକ, ହେମାନ୍ତ ସୁନା, ସନ୍ଧ୍ୟା ମାଝି, ଜ୍ୟୋସ୍ନା ଛତର, ସଞ୍ଜୁକ୍ତା ବାରିକ ଓ ପାରା ଷ୍ଟାଫ ଉପସ୍ଥିତ ଥିଲେ।

### ଦେଓଗାଁ ନୂତନ ଥାନା କୋଠା ଉଦ୍‌ଘାଟିତ

ଦେଓଗାଁ, ୩।୧(କୃଷ୍ଣପ୍ରସାଦ ପାଣିଗ୍ରାହୀ): ବଲାଙ୍ଗୀର ଜିଲା ଦେଓଗାଁ ଥାନାର ନୂତନ କୋଠା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋୟର ସୁକତେଲ ପ୍ରକଳ୍ପ ଉଦ୍‌ଘାଟନ ପାଇଁ ଆସିଥିବା ଅବସରରେ ନବନିର୍ମିତ ଥାନା କୋଠା ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନ ପରେ ଅଞ୍ଚଳର ଭଦ୍ର ବ୍ୟକ୍ତିଙ୍କ ଉପସ୍ଥିତିରେ ଦେଓଗାଁ ଥାନାଧିକାରୀ ତାରାବତୀ ପଧାନ ଓ କର୍ମଚାରୀ ଅଫିସ କୋଠାକୁ ପ୍ରବେଶ କରିଥିଲେ। ଏହି ଥାନା ଅଧୀନରେ ୧୧୬ଟି ଗାଁ ରହିଛି। ବର୍ତ୍ତମାନ ଥାନାରେ ଆବଶ୍ୟକ କନେଷ୍ଟେବଲ ୧୮ ଜଣ ମଧ୍ୟରୁ ୮ ଜଣ, ହୋମଗାର୍ଡ ୨୨ ଜଣଙ୍କ ମଧ୍ୟରୁ ୧୩ ଜଣ ଅଛନ୍ତି।

# ଆଜିଠାରୁ ଲୋକନାଟକ ମହୋତ୍ସବ

ରାଉରକେଲା,୩।୧(ସଙ୍ଗୀତା ଜେନା)



ସେକ୍ଟର-୫ କଲଚରାଲ ଏକାଡେମୀରେ ଆୟୋଜିତ ଖବରଦାତା ସମ୍ମିଳନୀ

୧୯୭୬ରେ ରାଉରକେଲା କଲଚରାଲ ଏକାଡେମୀ ପକ୍ଷରୁ ଲୋକନାଟକ ମହୋତ୍ସବ ପରିକଳ୍ପନା କରାଯାଇଥିଲା। ନୂଆ ଆଭିମୁଖ୍ୟର ନାଟକ ରଚନା, ନାଟ୍ୟ ସଂଗଠନ ଓ ନବୀନ କଳାକାର ସୃଷ୍ଟି ଲକ୍ଷ୍ୟରେ ଏହି ମହୋତ୍ସବ ଆୟୋଜନ ହୋଇଆସୁଛି। ଏହି କ୍ରମରେ ଚଳିତବର୍ଷ ଜାନୁଆରୀ ୪ରୁ ୧୦ ତାରିଖ ପର୍ଯ୍ୟନ୍ତ ସିଭିକ୍‌ସେଣ୍ଟର ଠାରେ ମହୋତ୍ସବ ଅନୁଷ୍ଠିତ ହେବ। ଏ ନେଇ ବୁଧବାର ସେକ୍ଟର-୫ କଲଚରାଲ ଏକାଡେମୀ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ପ୍ରଥମ ସନ୍ଧ୍ୟାରେ ସାରନା ନବ ଯୁବକ ସଂଘ ପକ୍ଷରୁ ଭିଟାମାଟି, ଦ୍ୱିତୀୟ ସନ୍ଧ୍ୟାରେ ପରିଚୟ ରାଉରକେଲା ପକ୍ଷରୁ ବୁଢ଼ାବାବୁ, ୩ୟ ସନ୍ଧ୍ୟାରେ ଖଡିଆଳ ସାଂସ୍କୃତିକ ପରିଷଦ ପକ୍ଷରୁ ବିହା ସର୍‌ଲା ବେଦୀର ମୁହଁ ପୁତ୍‌ଲା, ୪ର୍ଥ ସନ୍ଧ୍ୟାରେ କଟକ ଅନ୍ନପୂର୍ଣ୍ଣା ବି ଗ୍ରୁପ୍ ପକ୍ଷରୁ ରେବତୀ, ୫ମ ସନ୍ଧ୍ୟାରେ ଭୁବନେଶ୍ୱର ପଞ୍ଚଧ୍ୱନି ନାଟ୍ୟ ପରିଷଦ ପକ୍ଷରୁ ପଶାପାଲି, ୬ଷ୍ଠ ସନ୍ଧ୍ୟାରେ ମଙ୍ଗଳପୁର କଳା ବିକାଶ କେନ୍ଦ୍ର ପକ୍ଷରୁ ପୁନଶ୍ଚ ଦାଦନ ଓ ୭ମ ସନ୍ଧ୍ୟାରେ ଓଡ଼ିଶୀ ନୃତ୍ୟ ଶ୍ରଦ୍ଧାଶ୍ରୀ ମହାପାତ୍ର ଓ ଦେବାଙ୍ଗ ପାଢ଼ୀଙ୍କ କାର୍ଯ୍ୟକ୍ରମ ତଥା ପୁରସ୍କାର ବିତରଣ କାର୍ଯ୍ୟକ୍ରମ କରାଯିବ। ମହୋତ୍ସବରେ ରାଜ୍ୟର ବିଭିନ୍ନ ସ୍ଥାନରୁ କଳାକାରମାନେ ଅଂଶଗ୍ରହଣ କରିବେ। ଉଦ୍‌ଘାଟନୀ ସନ୍ଧ୍ୟାରେ ରାଜ୍ୟ ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲିକ, ଶ୍ରମମନ୍ତ୍ରୀ ସାରଦା ନାୟକ, ରଘୁନାଥପାଲୀ ବିଧାୟକ ସୁବ୍ରତ ତରାଇ ଓ ନାଟ୍ୟ ଶିଳ୍ପୀ ରମାକାନ୍ତ ମହାରଣା ଯୋଗଦେବେ ବୋଲି କୁହାଯାଇଛି। କଲଚରାଲ ଏକାଡେମୀ ଆବାହକ ନୃସିଂହ ରାଉତ, ସାଧାରଣ ସମ୍ପାଦକ କାଶୀନାଥ ପାତ୍ର, ସମ୍ପାଦକ ଅକ୍ଷୟ ସାମଲ, ଡ. କୃପାସିନ୍ଧୁ ନାୟକ, ଉପସଭାପତି ବିଷ୍ଣୁପ୍ରିୟା ମହାପାତ୍ର, ଆଲୋକ ବୋଷ, ବିଜୟ ରାୟ, ଅକ୍ଷୟ ପଣ୍ଡା, ଗୋକୁଳାନନ୍ଦ ଦାସଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

# ରାଉରକେଲାରେ ଜାତୀୟ ବିଦ୍ୟାଳୟ ବାଳକ ହକି ଚାମ୍ପିୟନ ଦଳ

ରାଉରକେଲା,୩।୧(ସଙ୍ଗୀତା ଜେନା)

ମଧ୍ୟପ୍ରଦେଶର ଗ୍ୱାଲିଅରଠାରେ ଅନୁଷ୍ଠିତ ୬୭ତମ ଜାତୀୟ ବିଦ୍ୟାଳୟ କ୍ରୀଡ଼ାର ୧୪ବର୍ଷରୁ କମ୍ ବାଳକ ବର୍ଗ ହକିରେ ଚାମ୍ପିୟନ ଦଳ ବୁଧବାର ରାଉରକେଲା ପ୍ରତ୍ୟାବର୍ତ୍ତନ କରିଛି। ରାଉରକେଲା ଷ୍ଟେସନରେ ସୁନ୍ଦରଗଡ଼ ଜିଲା ଶିକ୍ଷାଧିକାରୀ ଅମୂଲ୍ୟ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଗୋଷ୍ଠୀ ଶିକ୍ଷାଧିକାରୀ ସଦାନନ୍ଦ ପ୍ରଧାନ ଟିମ୍‌କୁ ସ୍ୱାଗତ କରିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ସଚିବ ଅଓ୍ୱଷ୍ଠି ଏସ୍, ନିର୍ଦ୍ଦେଶକ ସୁଶାନ୍ତ ଦାସ, ଯୁଗ୍ମ ନିର୍ଦ୍ଦେଶକ ସପନ ଜେନା, ସହ ନିର୍ଦ୍ଦେଶକ କୈଳାସ ପ୍ରଧାନ, ଶାରୀରିକ ଶିକ୍ଷା ଅଧିକାରୀ ଜ୍ୟୋତି ପ୍ରସାଦ ପରିଡ଼ା ପ୍ରମୁଖ ଶୁଭେଚ୍ଛା ବାର୍ତ୍ତା ଜଣାଇଥିଲେ। ଦଳରେ ପାନପୋଷ ହକି ଏକାଡେମୀର ୬ଜଣ ଖେଳାଳି ଥିବାବେଳେ ଅନ୍ୟମାନେ ଜିଲାର ବିଭିନ୍ନ ଅଞ୍ଚଳର ଅଟନ୍ତି। ୧୪ ବର୍ଷରୁ କମ୍ ବାଳକ ଦଳ ଫାଇନାଲ୍‌ରେ ଓଡ଼ିଶା ସୁଟ୍‌ଆଉଟ୍‌ରେ ଝାଡଖଣ୍ଡକୁ ୫-୦ରେ ହରାଇଥିଲା। ସୂଚନାଯୋଗ୍ୟ, ସ୍କୁଲ ଗେମ୍ସ ଫେଡେରେଶନ୍ ଅଫ୍ ଇଣ୍ଡିଆ ପକ୍ଷରୁ ଆୟୋଜିତ ପ୍ରତିଯୋଗିତାର ୧୪ବର୍ଷ ବାଳକ ବର୍ଗର ପ୍ରଥମ ପୁଲ୍‌ରେ ଓଡ଼ିଶା, ପଞ୍ଜାବ, ଉତ୍ତରାଖଣ୍ଡ, ବିଦ୍ୟାଭାରତୀ ସ୍ଥାନ ପାଇଥିଲେ। ଓଡ଼ିଶା ଦଳ ପଞ୍ଜାବକୁ ୪-୦, ଉତ୍ତରାଖଣ୍ଡକୁ ୬-୦, ବିଦ୍ୟାଭାରତୀକୁ ୬-୧ ଗୋଲ୍‌ରେ ପରାସ୍ତ କରି ପୁଲ୍ ବିଜେତା ହେବା ସହ ପ୍ରି କ୍ୱାର୍ଟର ଫାଇନାଲ୍‌ରେ ପହଞ୍ଚିଥିଲା। ଓଡ଼ିଶା ୯-୦ ଗୋଲ୍‌ରେ ଜମ୍ମୁ ଓ କଶ୍ମୀର, କ୍ୱାଟର ଫାଇନାଲ୍‌ରେ ମଣିପୁରକୁ ୧-୦ ଓ ସେମିଫାଇନାଲରେ ସମ୍ପୂର୍ଣ୍ଣ ଏକତରଫା ୪-୧ ଗୋଲ୍‌ରେ ଗୁଜରାଟକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଏନ୍‌ଆଇଟି କ୍ୟାମ୍ପସ କ୍ରୀଡ଼ା ଶିକ୍ଷକ ଅଜୟ ରାଉତ, ନିରଞ୍ଜନ ମଲ୍ଲିକ ଓ ବଂଶୀଧର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି ଦଳଗୁଡ଼ିକ ଗ୍ୱାଲିଅର ଯାତ୍ରା କରିଥିଲା।



ରାଉରକେଲା ରେଳ ଷ୍ଟେଶନ୍‌ରେ ପହଞ୍ଚିବା ପରେ ଦଳ।

# ୫ରେ ଏକଲ ଅଭିଯାନ ରାଜ୍ୟସ୍ତରୀୟ ଖେଳକୁଦ ପ୍ରତିଯୋଗିତା

ରାଉରକେଲା,୩।୧(ସଙ୍ଗୀତା ଜେନା)



ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡ଼ିୟମରେ ଆୟୋଜିତ ଖବରଦାତା ସମ୍ମିଳନୀ

ଏକଲ ଅଭିଯାନ ଅନ୍ତର୍ଗତ ଓଡ଼ିଶାର ୨୧ ଜିଲାରେ ୫୧୩୦ଟି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଆସନ୍ତା ୫ରୁ ୭ ତାରିଖ ପର୍ଯ୍ୟନ୍ତ ବିଶ୍ରା ଛକ ବିର୍ସାମୁଣ୍ଡା ଆଥଲେଟିକ୍ ଷ୍ଟାଡ଼ିୟମରେ ଦ୍ୱିତୀୟ ରାଜ୍ୟସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଆରମ୍ଭ ହେବାକୁ ଯାଉଛି। ଏ ନେଇ ବୁଧବାର ବିର୍ସାମୁଣ୍ଡା ଆଥଲେଟିକ୍ ଷ୍ଟାଡ଼ିୟମରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି।

ଏକଲ ଅଭିଯାନର ସାଧାରଣ ସମ୍ପାଦକ ବାବାଜୀ ସାହୁ ସୂଚନା ଦେଇ କହିଥିଲେ, ଭାରତରେ ଏକଲ ଅଭିଯାନ ୧୯୮୯ ମସିହାରେ ଝାଡ଼ଖଣ୍ଡ ଧାନବାଦ ଜିଲା ତୁଣ୍ଡି ବ୍ଲକରେ ୬୦ ବିଦ୍ୟାଳୟକୁ ନେଇ ଗଠିତ ହୋଇଥିଲା। ବିଦ୍ୟାଳୟକୁ ଆସିପାରୁ ନ ଥିବା ଛାତ୍ରୀଛାତ୍ରଙ୍କ ନିକଟରୁ ବିଦ୍ୟାଳୟ ପହଞ୍ଚି ଶିକ୍ଷିତ କରିବା ଉଦ୍ଦେଶ୍ୟରେ ଏହି ଅଭିଯାନ ଆରମ୍ଭ ହୋଇଥିଲା। କେବଳ ଶିକ୍ଷା ନୁହେଁ, ବରଂ ଆରୋଗ୍ୟ, ଗ୍ରାମୋତ୍ଥାନ, ଗ୍ରାମସ୍ୱରାଜ ଓ ସଂସ୍କାର ଭଳି ପଞ୍ଚମୁଖୀ ଯୋଜନା ଏଥିରେ ବିକଶିତ ହେଉଛି। ଚଳିତ ଥର ଦୌଡ଼, ଲମ୍ବଡିଆଁ, ଉଚ୍ଚଡ଼ିଆଁ, କୁସ୍ତି, କବାଡ଼ି, ଯୋଗାସନ ଆଦି ପ୍ରତିଯୋଗିତା ଆୟୋଜନ ହେବ। ୩୫୭ ଜଣ ପ୍ରତିଯୋଗୀ, ୨୬ ଜଣ ଆଚାର୍ଯ୍ୟ ଓ ଆଚାର୍ଯ୍ୟା, ୧୨୫ଜଣ କର୍ମକର୍ତ୍ତାଙ୍କୁ ନେଇ ଏହା ହେବାକୁ ଯାଉଛି। ଅଭିଯାନର ସଭାପତି ଦାମୁ ତିର୍କୀ,ସମ୍ଭାଗ ଅଭିଯାନ ପ୍ରମୁଖ ମୁକେଶ ବେହେରା, ଗଣମାଧ୍ୟମ ସଂଯୋଜକ ବାବୁଲି ମୁର୍ମୁ, ଓଡ଼ିଶା ସମ୍ଭାଗ ପ୍ରମୁଖ ରାଜୀବ ପାତ୍ର, ପଶ୍ଚିମ ପ୍ରାନ୍ତ ଗ୍ରାମ୍ୟ ସ୍ୱରାଜ ପ୍ରମୁଖ ସୁବାସ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଆଜି ବୀରମିତ୍ରପୁର ଗସ୍ତରେ ୫-ଟି ଅଧ୍ୟକ୍ଷ

କୁଆଁରମୁଣ୍ଡା,୩।୧(ମହେନ୍ଦ୍ର କୁମାର ସାହୁ)

ନବୀନ ଓଡ଼ିଶା ଅଧ୍ୟକ୍ଷ ତଥା ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନଙ୍କ ସୁନ୍ଦରଗଡ଼ ଜିଲା ଗସ୍ତର ଆଜି ଦ୍ୱିତୀୟ ଦିନ। ଗୁରୁବାର ରାଜଗାଙ୍ଗପୁର ଜାମପାଲି ଷ୍ଟାଡିୟମରେ ଅନୁଷ୍ଠିତ ସାଧାରଣ ସଭା ଶେଷ କରିବା ପରେ ୧୧ଟା ୫୩ରେ ଓଡିଶା-ଝାଡଖଣ୍ଡ ସୀମାନ୍ତବର୍ତ୍ତୀ ବୀରମିତ୍ରପୁର ନିର୍ବାଚନମଣ୍ଡଳୀର ପୁରୁଣାପାଣି ସେଲ ଷ୍ଟାଡିୟମରେ ନିର୍ମିତ ଅସ୍ଥାୟୀ ହେଲିପ୍ୟାଡରେ ପହଞ୍ଚିବେ। ଏହାପରେ ତାଙ୍କୁ ସ୍ୱାଗତ କରାଯାଇ ଉକ୍ତ ପଡିଆରେ ନିର୍ମିତ ଷ୍ଟେଜକୁ ନିଆଯିବ। ପାଣ୍ଡିଆନଙ୍କ ଗସ୍ତକୁ ସଫଳ କରିବା ପାଇଁ ବୀରମିତ୍ରପୁର ନିର୍ବାଚନମଣ୍ଡଳୀର ବିଜେଡି ନେତା ଓ ରାଉରକେଲା ବିଧାୟକ ତଥା ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ,ବିଜେଡି ଜିଲା ସଭାପତି ହାଲୁ ମୁଣ୍ଡାରୀ, ଜିଲାପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ବିଜେଡି ରାଉରକେଲା ସାଙ୍ଗଠନିକ ଜିଲା ସାଧାରଣ ସମ୍ପାଦକ ତଥା କୁଆଁରମୁଣ୍ଡା ଖ ଜୋନର ଜିଲାପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ମକଲୁ ଏକ୍କା,ଏମ୍ମା ଏକ୍କା ପ୍ରମୁଖଙ୍କ ସହ ୩ଟି ବ୍ଲକର ଚେୟାରମ୍ୟାନ ଓ ବରିଷ୍ଠ ନେତା ଉଦ୍ୟମ ଜାରି ରଖିଛନ୍ତି।

### ଆର୍‌ଏସ୍‌ପିରୁ ଚୋରି, ୩ ଗିରଫ

ରାଉରକେଲା,୩।୧(ସଙ୍ଗୀତା ଜେନା): ରାଉରକେଲା ଇସ୍ପାତ କାରଖାନାରୁ ଚୋରି ଘଟଣାରେ ପୋଲିସ ୩ ଜଣ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ କୁମୁଦ ସାହୁ(୪୯), ଜଗନ୍ନାଥ ଲାକ୍ରା(୨୪) ଓ ବିଲାସ ଟିଗା(୨୮)। ସେମାନଙ୍କଠାରୁ ୭୦ କେଜି ଲୁହା ଓ ୧୫ କେଜି କପର ଜବତ ହୋଇଛି। ଏନେଇ ପୋଲିସ ମାମଲା (ନଂ୨୨୪) ରୁଜୁ କରିଛି। ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ବିଳମ୍ବିତ ରାତିରେ ୩ ଯୁବକ କାରଖାନା ପାଚେରୀ ଡେଉଁ ଚୋରି କରୁଥିବା ବେଳେ ସୁରକ୍ଷାକର୍ମୀମାନେ ଧରି ତାଙ୍କୁ ଟାଙ୍ଗରପାଲୀ ଥାନାରେ ଜିମା ଦେଇଥିଲେ।

# ଓଡ଼ିଶା ରଣଜୀ ଟ୍ରଫି ଦଳରେ ସ୍ଥାନ ପାଇଲେ ଆର୍‌ଏସ୍‌ପି କର୍ମଚାରୀଙ୍କ ପୁଅ

ରାଉରକେଲା,୩।୧(ସଙ୍ଗୀତା ଜେନା)

ରଣଜୀ ଟ୍ରଫି ପାଇଁ ୧୫ ଜଣିଆ ଓଡ଼ିଶା ଦଳରେ ସେଲ ପରିବାରର ପ୍ରତିଭାବାନ୍ କ୍ରିକେଟ୍ ତାରକା ଆର୍ଶୀବାଦ ସ୍ୱାଇଁ ମନୋନୀତ ହୋଇଛନ୍ତି। ଏ ନେଇ ନିକଟରେ ଓଡ଼ିଶା କ୍ରିକେଟ ଆସେସିଏଶନ ପକ୍ଷରୁ ଉକ୍ତ ଦଳ ପାଇଁ ଘୋଷଣା କରାଯାଇଛି। ରାଉରକେଲାରେ ଖୁସୀର ଲହରୀ ଖେଳିଯାଇଛି। ସୂଚନାଯୋଗ୍ୟ, ଆର୍ଶୀବାଦ ହେଉଛନ୍ତି ଆର୍‌ଏସ୍‌ପି ଫେବ୍ରିକସେନ୍ ସପ୍‌ର ମାଷ୍ଟର ଟେକନିସିଆନ୍ ବିକ୍ରମ ଓ ଲିଲି ସ୍ୱାଇଁଙ୍କ ସୁପୁତ୍ର। ୧୮ ବର୍ଷ ବୟସ୍କ ଏହି କ୍ରିକେଟ କିପର ବ୍ୟାଟସମ୍ୟାନ୍ ବଡୋଦରା ଠାରେ ଜାନୁଆରୀ ୫ ତାରିଖରେ ଖେଳାଯିବାକୁ ଥିବା ରଣଜୀ ଟ୍ରଫିରେ ଖେଳ ପ୍ରଦର୍ଶନ କରିବେ । ପୂର୍ବରୁ କୁଚବିହାର ଟ୍ରଫିରେ ଆର୍ଶୀବାଦ ଓଡ଼ିଶା ଦଳର ଅଧିନାୟକ ଥିଲେ। ସେ ୧୬ ବର୍ଷରୁ କମ୍ ବର୍ଗରେ ସେଲ ପରିବାରର ଉଦୀୟମାନ କ୍ରୀଡ଼ା ପ୍ରତିଭା ୨୦୧୯ରେ ବିଜୟ ମର୍ଚ୍ଚେଟ ଟ୍ରଫିରେ ଜାତୀୟ ପଦାର୍ପଣ କରିଥିଲେ।




# ଜେଏସ୍‌ପି ପକ୍ଷରୁ ନବବର୍ଷ ବନ୍ଧୁମିଳନ



କ୍ୟାଲେଣ୍ଡର ଉନ୍ମୋଚନ କରାଯାଉଛି।

ରାଉରକେଲା,୩।୧(ସଙ୍ଗୀତା ଜେନା)

ଜଗଦା ସାଂସ୍କୃତିକ ପରିଷଦ (ଜେଏସ୍‌ପି) ପକ୍ଷରୁ ମଙ୍ଗଳବାର ବାଟ ମା’ ମଙ୍ଗଳା ସମ୍ମିଳନୀ କକ୍ଷରେ ନବବର୍ଷ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜେଏସ୍‌ପିର ଉପଦେଷ୍ଟା ସଞ୍ଜୀବ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ସାଧାରଣ ସମ୍ପାଦକ ପ୍ରଭାତ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଭାପତି ପୀତାମ୍ବର ଲେଙ୍କା, ଡ. କେ.ସି. ବାରିକ, ଇଂ. ବାବାଜୀ ସାହୁ , ମନୋଜ ମଲିକ, ପରଭେଜ୍ ଆରୋରା, ସୁରେଶ ମଲିକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଭିଜନ୍ ୨୦୨୬ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପଣ୍ଡିତ କାଶୀନାଥ ପଣ୍ଡା ଚଳିତ ବର୍ଷ ଓ ଭବିଷ୍ୟତ ସମ୍ପର୍କରେ ବେଦଶାସ୍ତ୍ର ଦ୍ୱାରା ଉଲ୍ଲେଖ କରାଯାଇଥିବା ତଥ୍ୟ ପ୍ରକାଶ କରିଥିଲେ। ଶେଷରେ କ୍ୟାଲେଣ୍ଡର ଉନ୍ମୋଚିତ ହୋଇଥିଲା। ବରିଷ୍ଠ ସଦସ୍ୟ ପୀତାମ୍ବର ନାୟକ, ଉତ୍କଳ ବିହାର ମାର୍ଗ ମହିଳା ସମିତି ସଭାନେତ୍ରୀ ହରପ୍ରିୟା ପଟ୍ଟନାୟକ, ବାଟ ମା’ ମଙ୍ଗଳା ମହିଳା ସମିତିର ସଭାନେତ୍ରୀ କୀର୍ତ୍ତିଲତା ନନ୍ଦ, ସାଧାରଣ ସମ୍ପାଦିକା ବୀଣାପାଣି ପଟ୍ଟନାୟକଙ୍କ ସମେତ ଶତାଧିକ ସଦସ୍ୟ ଯୋଗଦେଇଥିଲେ। ଶେଷରେ ଶିକ୍ଷାବିତ୍ ହୃଷୀକେଶ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ବସୁଦେବଙ୍କୁ ଶ୍ରୀକ୍ଷେତ୍ର କଳା ରତ୍ନ ସମ୍ମାନ

ବରପାଲି,୩।୧(ଚିତ୍ତରଞ୍ଜନ ସାହୁ)

ରାଜ୍ୟ ସ୍ତରୀୟ ଶ୍ରୀ କ୍ଷେତ୍ର ମହୋତ୍ସବ ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ବନ୍ଦେ ଉତ୍କଳ ଲୋକକଳା ଓ ରାଜ୍ୟ ଲୋକ ସଂସ୍କୃତି ମହାସଂଘ ପକ୍ଷରୁ ଅନୁଷ୍ଠିତ ଉତ୍ସବରେ ବରଗଡ ଜିଲା ବରପାଲି ବ୍ଲକ ବଡ଼ଗାଁ ଗ୍ରାମର ବସୁଦେବ ପଧାନଙ୍କୁ ଗାନ୍ଧର୍ବୀୟ ଅନୁଚିନ୍ତାର ସଶକ୍ତ ପ୍ରତିଧ୍ୱନି କଳାକାର ପ୍ରତିଷ୍ଠା ପାଇଁ ରାଜ୍ୟସ୍ତରୀୟ ଶ୍ରୀ କ୍ଷେତ୍ର କଳାରତ୍ନ ସମ୍ମାନରେ ସମ୍ମାନିତ କରାଯାଇଛି। କେନ୍ଦ୍ର ଜଳସମ୍ପଦ ଓ ଆଦିବାସୀ କଲ୍ୟାଣ ମନ୍ତ୍ରୀ ବିଶେଶ୍ୱର ଟୁଡୁ, ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ବସୁଦେବ ପଧାନଙ୍କୁ ସମ୍ମାନିତ କରିଥିଲେ।

# ଗ୍ରୁପ୍ ଲୋନ୍ କରାଇ ଟଙ୍କା ଉଠାଣ ପରେ ମହିଳା ନିଖୋଜ

## ଥାନାରେ ଅଭିଯୋଗ

ବଡ଼ଗାଁ, ୩।୧(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଭୋଇପାଲି ଗ୍ରାମର ଜଣେ ମହିଳା ଗ୍ରାମର କେତେକ ମହିଳାଙ୍କୁ ଟଙ୍କା ଦରକାର ଅଛି ଗ୍ରୁପ ଲୋନ କରାଇଦେବାକୁ କହିଥିଲେ। ପରେ ପରିଶୋଧ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଲକ୍ଷାଧିକ ଟଙ୍କା ଉଠାଣ କରି ନେଲାପରେ ଗତ ୨ ମାସ ହେବ ଫେରାର ହୋଇଯାଇଛନ୍ତି। ଅର୍ଥ ଲଗାଣକାରି ସଂସ୍ଥାର କର୍ମଚାରୀ ଲୋନ କରିଥିବା ମହିଳାଙ୍କ ଘରକୁ ବାରମ୍ବାର ଆସି ଟଙ୍କା ଦେବାକୁ ବାଧ୍ୟ କରୁଛନ୍ତି। ଏପରିକି ରାତିରେ ଆସି ଘର ଓ ସମ୍ପତ୍ତି ଜବତ କରିବୁ କହି ସେମାନଙ୍କୁ ଭୟଭୀତ କରୁଛନ୍ତି। ସମ୍ପୃକ୍ତା ମହିଳାଙ୍କୁ ଖୋଜାଖୋଜି କରି ନିରାଶ ହେବାରୁ ବୁଧବାର ବଡ଼ଗାଁ ଥାନାରେ ମହିଳାମାନେ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଅଭିଯୋଗକାରୀ କୁମାରୀ କିଷାନ, ବାସମତି କିଷାନ, ସୁସ୍ମିତା କିଷାନ, ସୁନିତା କିଷାନ, ନମିତା କିଷାନ, ଚନ୍ଦ୍ରିକା ମହାନନ୍ଦ, ଜୟନ୍ତୀ ପୋଡ଼, ପୂର୍ଣ୍ଣିମା ମାଝି, ବାସମତି ବଣ୍ଡା, ନିଳୀମା ସଏଙ୍କ ସହିତ ମୋଟ୍ ୧୩ ଜଣ ମହିଳାଙ୍କ ନାମରେ ଗ୍ରୁପ୍ ଲୋନ କରାଇ ଟଙ୍କା ଉଠାଇଥିଲେ। କେତେକ ମହିଳାଙ୍କ ଜାଲିଆତି ଦସ୍ତଖତ ଦେଇ ଲୋନ କରିଥିଲେ। କିଛି ଦିନ ଭିତରେ ଅର୍ଥ ଲଗାଣକାରୀ ସଂସ୍ଥାରେ କାହାର ୨,୩ ଟି ଇନଷ୍ଟଲମେଣ୍ଟ ପରିଶୋଧ କରିଥିଲେ। କିନ୍ତୁ ଗତ ୨ମାସ ହେଲା ଘରେ ତାଲା ପକାଇ ସେ ଓ ତାଙ୍କ ସ୍ୱାମୀ କୁଆଡେ ଚାଲିଯାଇଛନ୍ତି। ଏ ସମ୍ପର୍କରେ ସବ୍ ଇନ୍ସପେକ୍ଟର ଶ୍ୟାମଲାଲ ଓରାମଙ୍କୁ ପଚାରିବାରୁ ଏହା ଉପରେ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।

# ରୋଗଶଯ୍ୟାରେ ଶୋଇ ପ୍ରତିବାଦକଲା କଂଗ୍ରେସ

## ଝାଡ଼ାବାନ୍ତି ମୃତକଙ୍କ ପରିବାରକୁ ୨୦ଲକ୍ଷ କ୍ଷତିପୂରଣ ଦାବି



ମହାନଗର କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ପକ୍ଷରୁ ପ୍ରତିବାଦ।

ରାଉରକେଲା,୩।୧(ସଙ୍ଗୀତା ଜେନା)

ଗତ ଏକମାସ ହେବ ରାଉରକେଲା ଓ ଆଖପାଖ ଅଞ୍ଚଳରେ ଝାଡାବାନ୍ତି ବ୍ୟାପୀ ବହୁ ଲୋକଙ୍କ ପ୍ରାଣହାନି ଘଟିଛି। ଏହି ଅବସରରେ କେନ୍ଦ୍ରୀୟ ଅନୁଧ୍ୟାନ ଟିମ୍ ରାଉରକେଲାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛି। ଏହି ଟିମ୍ ରିପୋର୍ଟ ଦେବାକୁ କାର୍ଯ୍ୟ କରୁଛି। ଏହି ପରିପ୍ରେକ୍ଷୀରେ ମୃତକଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରି ରାଉରକେଲା କଂଗ୍ରେସ ପକ୍ଷରୁ ବୁଧବାର ଅଭିନବ ପ୍ରତିବାଦ କରାଯାଇଛି। ଶତାଧିକ କଂଗ୍ରେସ କର୍ମୀ ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) କାର୍ଯ୍ୟାଳୟ ସମ୍ମୁଖରେ ସାଲାଇନ ବୋତଲ ସହ ଧାରଣା ଦେଇ ପ୍ରଶାସନ ବିରୋଧରେ ସ୍ଲୋଗାନ ଦେଇଥିଲେ। ଅଧିକାଂଶ କର୍ମୀ ଶଯ୍ୟାରେ ଶୋଇ ପ୍ରତୀକାତ୍ମକ ପ୍ରତିବାଦ କରିଥିଲେ।

ଡିସିସି ସଭାପତି ରଶ୍ମିରଞ୍ଜନ ପାଢ଼ୀଙ୍କ ନେତୃତ୍ୱରେ ହୋଇଥିବା ସମାବେଶରେ ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର ଯୋଗଦେଇ କହିଥିଲେ, ସହରରେ ଝାଡ଼ାବାନ୍ତି ନିୟନ୍ତ୍ରଣରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ମୃତକଙ୍କୁ ଉଚିତ କ୍ଷତିପୂରଣ ସାଙ୍ଗକୁ ଆକ୍ରାନ୍ତଙ୍କୁ ୫ ଲକ୍ଷ ଟଙ୍କା ଦିଆଯିବା ଉଚିତ। କଂଗ୍ରେସ ପକ୍ଷରୁ ଆର୍‌ଜିଏଚ୍ ନିର୍ମାଣ ହୋଇଥିଲେ ବି ଏହାକୁ ବିକଶିତ କରିବାରେ ବିଫଳତା ଦେଖାଯାଇଛି। ମନମୁଖୀ କାର୍ଯ୍ୟକଳାପ ଯୋଗୁ ଝାଡ଼ାବାନ୍ତି ସାଂଘାତିକ ରୂପ ଧାରଣ କଲା ବୋଲି ମହାପାତ୍ର ଅସନ୍ତୋଷ ବ୍ୟକ୍ତ କରିଥିଲେ। ଆନ୍ଦୋଳନ ସମୟରେ ଉତ୍ତ୍ୟକ୍ତ କର୍ମୀ ଆର୍‌ଏମ୍‌ସି ଗେଟ୍ ଉପରେ ଚଢ଼ି କାର୍ଯ୍ୟାଳୟକୁ ପଶିବା ଲାଗି ଉଦ୍ୟମ କରିଥିଲେ। ହେଲେ ପୋଲିସ ଏଥିରେ ବାଧା ଦେଇଥିଲା। ଆନ୍ଦୋଳନରେ ପୂର୍ବତନ ବିଧାୟକ ଜନାର୍ଦ୍ଦନ ଦେହୁରି, ପୂର୍ବତନ ଡିସିସି ସଭାପତି ବିରେନ ସେନାପତି, ରବି ରାୟ, ଜ୍ଞାନେନ୍ଦ୍ର ଦାସ, ପ୍ରବୋଧ ଦାସ, ଦେବବ୍ରତ ବିହାରି, ଲତା ନାୟକ, ନିରୁପମା ବଳିଆରସିଂ, ଦୁଗ୍ଧା ସିଂ, ସୁମିତ କଂସାରୀଙ୍କ ସମେତ ଶତାଧିକ କର୍ମୀ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ନାବାଳକଙ୍କ ମୃତ୍ୟୁକୁ ନେଇ କେନ୍ଦ୍ରମନ୍ତ୍ରୀଙ୍କ ଶୋକ

ସମ୍ବଲପୁର, ୩।୧
(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ସହରରେ ସଡ଼କ ଦୁର୍ଘଟଣାରେ ବୁଧବାର ରାତିରେ ଜଣେ ନବମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଏଥିରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦୁଃଖ ପ୍ରକାଶ କରିବା ସହ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ପ୍ରଧାନ କହିଛନ୍ତି, ଦୁର୍ଘଟଣାରେ ନାବାଳକଙ୍କ ମୃତ୍ୟୁ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଉଛି। ଏହି ଦୁଃଖଦ ସମୟରେ ମା' ସମଲେଶ୍ୱରୀ ପରିବାର ବର୍ଗଙ୍କୁ ଅସୀମ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଜିଲା ପ୍ରଶାସନ ସମ୍ବେଦନଶୀଳ ହୋଇ ପ୍ରୟାସ କରନ୍ତୁ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ ଟୁଇଟ କରିଛନ୍ତି।

### ମହାବିଦ୍ୟାଳୟ ଏନ୍ଏସ୍ଏସ୍ ପକ୍ଷରୁ ଶୀତକାଳୀନ ଶିବିର



ନାକଟିଦେଉଳ,୩।୧
(ବୈକୁଣ୍ଠ ନାଥ ସାହୁ)

ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା (ଏନ୍ଏସ୍ଏସ୍) ଶାଖା ଆନୁକୂଲ୍ୟରେ ଉପରମୁଣ୍ଡା ଓ ବିଜାଗଡ ଗ୍ରାମରେ ଚାଲିଥିବା ଶୀତକାଳୀନ ଶିବିର ବୁଧବାର ଉଦ୍ଯାପିତ ହୋଇଯାଇଛି। ଜିଲା ଏନ୍ଏସ୍ଏସ୍ ସଂଯୋଜକ ଶାନ୍ତନୁ କୁମାର ପ୍ରଧାନଙ୍କ ଦ୍ୱାରା ଶିବିର ଉଦ୍‌ଘାଟିତ ଶିବିରରେ ଯୋଗାଭ୍ୟାସ, ସଫେଇ ଓ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଥିଲା। ଉପରମୁଣ୍ଡା ବିଜାଗଡ ୟୁପି ସ୍କୁଲଠାରେ ଉଦ୍ଯାପନୀ ସମାରୋହ ହୋଇଥିଲା। ଅନୁଷ୍ଠାନର ମୁଖ୍ୟ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱ ଓ ଅଧ୍ୟାପିକା ପୁଷ୍ପାଞ୍ଜଳି ରବନାଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ରେଢାଖୋଲ ସିଡିପିଓ ସୁଷମା ପାଢୀ ମୁଖ୍ୟଅତିଥି, ପରିଚାଳନା କମିଟି ସଭାପତି ଡ. ଦୀପେନ କୁମାର ପଟ୍ଟନାୟକ ମୁଖ୍ୟବକ୍ତା ଓ ଅବସରପ୍ରାପ୍ତ ଯବାନ ଗୋବର୍ଦ୍ଧନ ସାହୁ, ନାକଟିଦେଉଳ ସିଡିପିଓ ଖୀରାବ୍ଧି ପାଣ୍ଡିଆ, ପ୍ରଧାନ ଶିକ୍ଷୟିତ୍ରୀ ଗୀତାରାଣୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗ୍ରାମବିକାଶ ଓ ସମାଜ ମଙ୍ଗଳରେ ଏନ୍ଏସ୍ଏସ୍‌ର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଏନ୍ଏସ୍ଏସ୍ ପ୍ରୋଗ୍ରାମ ଅଫିସର ଭଜମୋହନ ପ୍ରଧାନ ଧନ୍ୟବାଦ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ର ଓ ମହିଳାମାନଙ୍କୁ ପୁରସ୍କୃତ କରାଯାଇଥିଲା।





ବୁଧବାର ରାତିରେ ସମ୍ବଲପୁର ସହରରେ ଏକ ବସ୍ ଧକ୍କାରେ ଜଣେ ଛାତ୍ରଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ଲାଗିରହିଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଟାଉନ ଥାନା ଅଞ୍ଚଳରେ ପୋଲିସ ଉପସ୍ଥିତ ରହି ସତର୍କ ଦୃଷ୍ଟି ରଖିଛି।

# ଡିସଚାର୍ଜ ହେଲେ ବୋର୍‌ୱେଲରୁ ଉଦ୍ଧାର ଶିଶୁକନ୍ୟାର ମା'

ସମ୍ବଲପୁର,୩।୧(ପ୍ରମୋଦ ବହିଦାର)

- କାଉନସେଲିଂ ପରେ ଶିଶୁକନ୍ୟା ହସ୍ତାନ୍ତର ନେଇ ହେବ ବିଚାର
- ଆଜୀବନ ପାଠପଢ଼ା ଖର୍ଚ୍ଚ ବହନ କରିବେ ଡା. ରାମଚନ୍ଦାନୀ

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଲାରିପାଲି ଗ୍ରାମର ଶ୍ରୀରାମବୁଢ଼ା ଜଙ୍ଗଲ ମଧ୍ୟରେ ଥିବା ପରିତ୍ୟକ୍ତ ବୋର୍‌ୱେଲରୁ ଉଦ୍ଧାର ହୋଇଥିବା ଶିଶୁକନ୍ୟାଙ୍କ ମା' କଟକ ଏସ୍‌ସିବିରୁ ବୁଧବାର ଡିସ୍‌ଚାର୍ଜ ହୋଇଛନ୍ତି। ହେଲେ ଶିଶୁ କନ୍ୟାକୁ ସେ ପାଖରେ ରଖିବା ପାଇଁ ଦାବି କରିନାହାନ୍ତି। ଆଗକୁ ଯଦି ସେ ପାଖରେ ରଖିବାକୁ ଦାବି କରନ୍ତି ତେବେ ତାଙ୍କର କାଉନସେଲିଂ ପରେ ଶିଶୁକୁ ହସ୍ତାନ୍ତର କରାଯିବ। ଏ ନେଇ ଜିଲା ପ୍ରଶାସନ ଓ ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ନିଷ୍ପତ୍ତି ନିଆଯିବ ବୋଲି ସମ୍ବଲପୁର ଶିଶୁ ସୁରକ୍ଷା ୟୁନିଟ୍ ଅଧକ୍ଷା ସୁଚିସ୍ମିତା ପଟ୍ଟନାୟକ କହିଛନ୍ତି। ସେ କହିଛନ୍ତି, ବର୍ତ୍ତମାନ ଶିଶୁଟି ଭିମ୍‌ସାରରେ ଚିକିତ୍ସାଧୀନ ରହିଛି। ତାଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିବାକୁ ଅନେକ ଦମ୍ପତି ଆଗ୍ରହୀ ଅଛନ୍ତି। ହେଲେ ଶିଶୁଟି ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଡାକ୍ତରଖାନାରୁ ଡିସ୍‌ଚାର୍ଜ ନ ହେଲା ପର୍ଯ୍ୟନ୍ତ ହସ୍ତାନ୍ତର ନେଇ କିଛି କହିବା ଉଚିତ ହେବ ନାହିଁ। ସେ ଡିସ୍‌ଚାର୍ଜ ହେଲା ପରେ ଶିଶୁ ସୁରକ୍ଷା ୟୁନିଟ୍ ଅଧିନସ୍ଥ ବାଲନିକେତନରେ ରଖାଯାଇ ତା'ର ଯତ୍ନ ନିଆଯିବ। ସେଠାରେ ସବୁଦିନ ପାଇଁ ରହିବ ନାଁ ପ୍ରକୃତ ମା'ଙ୍କୁ ହସ୍ତାନ୍ତର କରାଯିବ ଅଥବା ପୋଷ୍ୟ ସନ୍ତାନ ଭାବେ କୌଣସି ଆଗ୍ରହୀ ଦମ୍ପତିଙ୍କୁ ହସ୍ତାନ୍ତର କରାଯିବ ସେ ନେଇ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ସେହିପରି ଭିମ୍‌ସାର ଭେଷଜ ବିଶେଷଜ୍ଞ ଡା. ଶଙ୍କର ରାମଚନନ୍ଦାନୀ କହିଛନ୍ତି, ୨-୩ ଦିନ ମଧ୍ୟରେ ଶିଶୁଟିକୁ ଡିସ୍‌ଚାର୍ଜ କରାଯିବ। ସେ ନିଜେ ଶିଶୁକନ୍ୟାକୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିବାକୁ ଇଚ୍ଛୁକ ଅଛନ୍ତି। ଯଦି ଏହା ସମ୍ଭବ ନ ହୁଏ ତା'ହେଲେ ଶିଶୁକନ୍ୟାକୁ ଯିଏ ପୋଷ୍ୟ ସନ୍ତାନଭାବେ ଗ୍ରହଣ କରିବେ ସେ ତାଙ୍କର ଆଜୀବନ ସମସ୍ତ ପାଠପଢ଼ା ଖର୍ଚ୍ଚ ବହନ କରିବେ ବୋଲି କହିଛନ୍ତି।

# ବେଆଇନ ବ୍ୟବହୃତ ଏଲ୍‌ପିଜି ସିଲିଣ୍ଡର ଜବତ

ସମ୍ବଲପୁର,୩।୧(ପ୍ରମୋଦ ବହିଦାର)

ସମ୍ବଲପୁର ଯୋଗାଣ ବିଭାଗ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବେଆଇନ ବ୍ୟବହୃତ ଓ ଗଚ୍ଛିତ ଘରୋଇ ଏଲ୍‌ପିଜି ସିଲିଣ୍ଡର ଜବତ କରାଯାଇଛି। ସହରର ବିଭିନ୍ନ ହୋଟେଲ, ରେସ୍ତୋଁରା ଓ ବାଣିଜ୍ୟିକ ଅନୁଷ୍ଠାନରେ ନିୟମ ଅନୁସାରେ ୧୯ କେଜିର ବାଣିଜ୍ୟିକ ସିଲିଣ୍ଡର ପରିବର୍ତ୍ତେ ୧୪.୨ କେଜିର ଘରୋଇ ଏଲ୍‌ପିଜି ସିଲିଣ୍ଡର ବ୍ୟବହାର ହେଉଥିବା ଅଭିଯୋଗ ହୋଇଆସୁଛି। ଏହାକୁ ଦୃଷ୍ଟିରେ ରଖି ଯୋଗାଣ ବିଭାଗ ପକ୍ଷରୁ ଚଢ଼ାଉ ଅଭିଯାନ ଆରମ୍ଭ ହୋଇଥିଲା। ଗତ ନଭେମ୍ବରରେ ମାନେଶ୍ୱର ଅଞ୍ଚଳରେ ଥିବା ଏକ ହୋଟେଲରୁ ୧୪.୨ କେଜି ଓଜନ ବିଶିଷ୍ଟ ୮ଟି ଓ ଡିସେମ୍ବରରେ ଅଇଁଠାପାଲି ଅଞ୍ଚଳରେ ଥିବା ଏକ ହୋଟେଲରୁ ୬ଟି ୧୪.୨ କେଜି ଓଜନ ବିଶିଷ୍ଟ ଘରୋଇ ଏଲ୍‌ପିଜି ସିଲିଣ୍ଡରକୁ ଯୋଗାଣ ବିଭାଗ ଜବତ କରିଥିଲା। ସେହିପରି ବିନା କାଗଜପତ୍ରରେ ଅଧିକୃତ ଏଜେନ୍ସି ଭାବେ ସିଲିଣ୍ଡର ଯୋଗାଣ କରୁଥିବା ସହରର ଜଣେ ବ୍ୟକ୍ତିଙ୍କଠାରୁ ୧୯ଟି ଏଲ୍‌ପିଜି ସିଲିଣ୍ଡର ଜବତ କରାଯାଇଛି। ଜବତ ସିଲିଣ୍ଡରଗୁଡ଼ିକ ଇଣ୍ଡେନ୍, ଏଚ୍‌ପି, ଭାରତ ଆଦି କମ୍ପାନୀର ବୋଲି ଜଣାପଡ଼ିଛି। ସମ୍ବଲପୁର ଯୋଗାଣ ନିରୀକ୍ଷକ ସୁଧୀର ରଞ୍ଜନ ପାତ୍ରଙ୍କ ନେତୃତ୍ୱରେ ମହାନଗର ନିଗମ ଅଧୀନ ସହକାରୀ ଯୋଗାଣ ଅଧିକାରୀ ବିଶ୍ୱରଞ୍ଜନ ସାହୁ, ଯୋଗାଣ ନିରୀକ୍ଷିକା ପୂର୍ଣ୍ଣାଶା ଭୋଇ ଚଢ଼ାଉରେ ସାମିଲ ହୋଇଥିଲେ। ଏଲ୍‌ପିଜି ସିଲିଣ୍ଡର ଜବତକୁ ନେଇ ଆଇନ ଅନୁସାରେ ବିଚାର ପାଇଁ ସମ୍ବଲପୁର ଜିଲାପାଳ ଓ ଉପଜିଲାପାଳଙ୍କ ଅଦାଲତରେ ଏତଲା ପ୍ରଦାନ ସହ ଏ ସମ୍ପର୍କିତ କାଗଜପତ୍ର ଦାଖଲ କରାଯାଇଛି। ଆଗାମୀ ଦିନରେ ମଧ୍ୟ ଅନୁରୂପ ଚଢ଼ାଉ ଜାରି ରହିବ ବୋଲି ଯୋଗାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# କୁଳପତିଙ୍କ ବିରୋଧରେ କର୍ମଚାରୀଙ୍କ କାର୍ଯ୍ୟବନ୍ଦ

ସମ୍ବଲପୁର,୩।୧(ପ୍ରମୋଦ ବହିଦାର):

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ) କୁଳପତିଙ୍କ ବିରୋଧରେ କର୍ମଚାରୀଙ୍କ ପକ୍ଷରୁ ବୁଧବାର କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଥିଲା। ଛଟେଇ କର୍ମଚାରୀଙ୍କ ପୁନଃ ନିଯୁକ୍ତି ସହ କର୍ମଚାରୀଙ୍କ ଉପରେ ହେଉଥିବା ମାନସିକ ନିର୍ଯାତନା ଓ ଛଟେଇ ଧମକରୁ କୁଳପତି ନିବୃତ୍ତ ରହିବାକୁ କର୍ମଚାରୀମାନେ ଦାବି କରିଥିଲେ। ଆନ୍ଦୋଳନରତ କର୍ମଚାରୀଙ୍କ ଅଭିଯୋଗକ୍ରମେ, ସାମାନ୍ୟ କଥାରେ ଅଭିଜ୍ଞ ତଥା ପୁରୁଣା କର୍ମଚାରୀଙ୍କୁ ଛଟେଇ କରିବା କୁଳପତିଙ୍କ ଅଭ୍ୟାସରେ ପରିଣତ ହୋଇଛି। କର୍ମଚାରୀମାନଙ୍କୁ ବହିଷ୍କାର ଧମକ, ବିନା କାରଣରେ ଲିଖିତ ଭୁଲ ମାଗିବାକୁ ବାଧ କରିବା, ପ୍ରତିବାଦ କଲେ ପୋଲିସର ଧମକ ଦେବା, ଗର୍ଭବତୀ ମହିଳା ବା ଅସୁସ୍ଥତା କାରଣରୁ ନେଇଥିବା ଛୁଟି ପାଇଁ ମହିଳା କର୍ମଚାରୀମାନଙ୍କ ଦରମା କାଟିବା ଭଳି ପଦକ୍ଷେପ ନେଇ ମାନସିକ ନିର୍ଯାତନା ଦେଉଛନ୍ତି। କୁଳପତି ଦାୟିତ୍ୱ ଗ୍ରହଣ କରିବା ପରଠାରୁ ୩ ବର୍ଷ ମଧ୍ୟରେ ପ୍ରାୟ ୭୫ ଜଣ ମହିଳା ଓ ପୁରୁଷ କର୍ମଚାରୀଙ୍କୁ ବହିଷ୍କାର କରିସାରିଛନ୍ତି। ସେହିପରି ଗତ ୨ମାସ ମଧ୍ୟରେ ଏଠାରୁ ୨ ଜଣ ମହିଳାଙ୍କ ସହ ୫ ଜଣ କର୍ମଚାରୀଙ୍କୁ ଛଟେଇ କରିଛନ୍ତି। ଛଟେଇ ହୋଇଥିବା ଦକ୍ଷ ଓ ଅଭିଜ୍ଞ କର୍ମଚାରୀଙ୍କ ସ୍ଥାନରେ ନିଜ ସମ୍ପର୍କୀୟ ବା ପ୍ରଭାବଶାଳୀ ବ୍ୟକ୍ତିଙ୍କ ସୁପାରିସରେ ଅନଭିଜ୍ଞ ଲୋକଙ୍କୁ ନିଯୁକ୍ତି ଦେଇଛନ୍ତି। ଏହାଦ୍ୱାରା ଏଠାରେ ଶୈକ୍ଷିକ ପରିବେଶ ପ୍ରଭାବିତ ହେଉଛି। ମାସମାସ ଧରି ପରୀକ୍ଷା ବିଳମ୍ବ ହେଉଛି। ଫଳରେ ଏଠାରେ ଅଧ୍ୟୟନରତ ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ତେବେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରା ନ ଗଲେ ରାଜରାସ୍ତାକୁ ଓହ୍ଲାଇ ଏ ସମ୍ପର୍କରେ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ କୁଳପତି ଅର୍କ କୁମାର ଦାସମହାପାତ୍ରଙ୍କୁ ପଚାରିବାରୁ ସେ ତାଙ୍କ ବିରୋଧରେ ହେଉଥିବା ଅଭିଯୋଗକୁ ଖଣ୍ଡନ କରି କାହାରିକୁ ଛଟେଇ କରିନାହାନ୍ତି ବୋଲି କହିଥିଲେ। ଏହାସହ କେବଳ କେତେଜଣ କର୍ମଚାରୀଙ୍କୁ ବିଶୃଙ୍ଖଳା ପାଇଁ ନୋଟିସ ଜାରି କରାଯାଇଛି। ଯଦି କର୍ମଚାରୀମାନଙ୍କ ନିକଟରେ କୌଣସି ଅଭିଯୋଗ ଅଛି ତାଙ୍କ ସହିତ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ କୁଳପତି ଆନ୍ଦୋଳନରତ କର୍ମଚାରୀଙ୍କୁ ନିବେଦନ କରିଛନ୍ତି।

**ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ**




କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ କର୍ମଚାରୀ।

# ନିଖୋଜ ନାବାଳକ ଉଦ୍ଧାର ପରେ ପରିବାରକୁ ହସ୍ତାନ୍ତର

କୁଚିଣ୍ଡା,୩।୧(ବିରଞ୍ଚି ଦର୍ଶା)

କୁଚିଣ୍ଡା ଥାନା ହାଡ଼ିପାଲି ଗ୍ରାମର ଭିନ୍ନକ୍ଷମ ନାବାଳକ ରାହୁଲ ମିର୍ଦ୍ଧା ଗତ ରବିବାରଠାରୁ ନିଖୋଜ ଥିଲେ। ତାଙ୍କ ପରିବାର ବ୍ୟସ୍ତବିବ୍ରତ ହୋଇ ଖୋଜୁଥିବା ବେଳେ ଓଡ଼ିଶା ଡ୍ରାଇଭର ମହାସଂଘ ନାବାଳକ ନିଖୋଜ ସମ୍ପର୍କରେ ସୋସିଆଲ ମିଡିଆରୁ ଜାଣିଥିଲା। ଧନକଉଡ଼ା ବ୍ଲକ ନୂଆମୁଣ୍ଡା ଛକରେ ନିଖୋଜ ନାବାଳକର ସନ୍ଧାନ ପାଇ ହାଡ଼ିପାଲି ପଞ୍ଚାୟତ ଡ୍ରାଇଭର ମହାସଂଘ ସଭାପତି ଲକ୍ଷ୍ମୀଧର ପରୁଆ ତାଙ୍କୁ ଉଦ୍ଧାରକରି ମଙ୍ଗଳବାର ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛନ୍ତି। ଡ୍ରାଇଭର ମହାସଂଘର ଏଭଳି ମହାନତାକୁ ନାବାଳକଙ୍କ ମା'ବାପା ଓ ସ୍ଥାନୀୟ ଜନସାଧାରଣ ପ୍ରଶଂସା କରିଛନ୍ତି। ସୂଚନାଯୋଗ୍ୟ, ରାହୁଲ ଜନ୍ମରୁ ମାନସିକ ଭିନ୍ନକ୍ଷମ । ସେ ସ୍ପଷ୍ଟ କଥା କହିପାରୁ ନ ଥିବାବେଳେ ରବିବାର ରାତି ପ୍ରାୟ ୯ଟାରେ ଘରୁ କୁଆଡ଼େ ଚାଲିଯାଇଥିଲେ। ରାହୁଲଙ୍କ ବାପା ଅଭିମନ୍ୟୁ ଓ ମା' ଜୟକାନ୍ତି ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧାନ ପାଇ ନ ଥିଲେ। ନିଖୋଜ ସମ୍ପର୍କରେ ଗ୍ରାମର ରାଜକିଶୋର ମହାନନ୍ଦ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଏହା ଦେଖି ଡ୍ରାଇଭର ମହାସଂଘ ଚାରିଆଡ଼େ ଖୋଜାଖୋଜି କରିଥିଲା। ନୂଆମୁଣ୍ଡା ଛକରେ ଭିନ୍ନକ୍ଷମ ନାବାଳକ ଏଣେତେଣେ ବୁଲୁଥିବା ଖବର ପାଇ ସଂଘ କର୍ମକର୍ତ୍ତା ତ୍ୱରିତ ପଦକ୍ଷେପ ନେଇଥିଲେ।

# ବିଷାକ୍ତ ଧୂଳିରେ ଜନଜୀବନ ଅସ୍ତବ୍ୟସ୍ତ

## ଭାଜପା ପକ୍ଷରୁ ଉପଜିଲାପାଳଙ୍କୁ ଦାବିପତ୍ର



ଭାଜପା ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ରେଢ଼ାଖୋଲ,୩।୧(ଅଚ୍ୟୁତାନନ୍ଦ ପୁରୋହିତ)

ରେଢାଖୋଲ ସହର ମଧ୍ୟଦେଇ ଯାଇଥିବା ୫୫ନଂ ଜାତୀୟ ରାଜପଥର ୪ଥାକିଆ ରାସ୍ତାକାମ ଚାଲିଛି। ତେବେ ରାସ୍ତା ନିର୍ମାଣରେ ବ୍ୟବହୃତ କ୍ରଶର ଗୁଣ୍ଡ, ବିଭିନ୍ନ କଳକାରଖାନାରୁ ନିର୍ଗତ ବିଷାକ୍ତ ପାଉଁଶ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ବିଷାକ୍ତ ପାଉଁଶଗୁଣ୍ଡ ରାସ୍ତାରେ ପଡୁଥିବା ବେଳେ ସହର ମଧ୍ୟଦେଇ ଚାଲୁଥିବା ଶହ ଶହ ଗାଡିମୋଟର ଯୋଗୁ ଧୂଳିମୟ ହୋଇଯାଉଛି। ଫଳରେ ବାଇକ ଆରୋହୀ, ପଥଚାରୀ ଓ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ବ୍ୟବସାୟୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହିତ ଛୋଟବଡ ଦୁର୍ଘଟଣା ମଧ୍ୟ ଘଟୁଛି। ଭାଜପା ପକ୍ଷରୁ ଏହି ଅଭିଯୋଗ ଅଣାଯାଇ ତୁରନ୍ତ ପଦକ୍ଷେପ ନେବାକୁ ବୁଧବାର ଉପଜିଲାପାଳଙ୍କୁ ୫ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରମୁଖ ଦାବି ମଧ୍ୟରେ ରାସ୍ତା ନିର୍ମାଣକାରୀ ସଂସ୍ଥା ପକ୍ଷରୁ ପରିବହନ କରୁଥିବା ଗାଡିମୋଟର ସତର୍କତା ପୂର୍ବକ ଠିକ୍ ଭାବେ ଘୋଡାଇବା, ସହରରେ ପାଣିଛିଞ୍ଚନ ଆଦି ଅନ୍ୟତମ। ଏହାର ନକଲ ଜିଲାପାଳ ସମ୍ବଲପୁର ଓ ଏସ୍‌ଡିପିଓ ରେଢାଖୋଲଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଭାଜପା ନେତା ଗୋବିନ୍ଦ ଅଗ୍ରୱାଲ,ଏନ୍ଏସି ଅଧ୍ୟକ୍ଷ ଶିବରାମ ସାହୁ, ଜିଲା ପରିଷଦ ସଭ୍ୟ ଶରତ ପ୍ରଧାନ, ଜୟରାମ ପୋଢ଼, ଧ୍ରୁବଚରଣ ବେହେରା, ନିଳମଣି ମହାନନ୍ଦ, ପ୍ରକାଶ ମୁଖି, ସୁରେନ୍ଦ୍ର ବାଦୀଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ବିଶ୍ୱନାଥ ପଣ୍ଡିତ ଜୟନ୍ତୀ

ରେଢ଼ାଖୋଲ,୩।୧(ଅଚ୍ୟୁତାନନ୍ଦ ପୁରୋହିତ):

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ରେଢ଼ାଖୋଲ ଚାରମାଳ ଶ୍ରମିକ ଭବନରେ ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ପଣ୍ଡିତଙ୍କ ୧୦୫ ତମ ଜୟନ୍ତୀ ବୁଧବାର ପାଳିତ ହୋଇଛି। ଆଠମଲ୍ଲିକ ଡିଭିଜନ ସମ୍ପାଦକ ବିନୋଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ ସଭାପତି ବିଜୟ ମହାନ୍ତି ଯୋଗଦେଇ ସ୍ୱର୍ଗତ ବିଶ୍ୱନାଥ ପଣ୍ଡିତଙ୍କ କର୍ମମୟ ଜୀବନୀ ଉପରେ ଆଲୋକପାତ କରିଥିଲେ। ମେହେନ୍ତର ସଂଘ, ମେଡିକାଲ କର୍ମଚାରୀ ସଂଘ, କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ତାଙ୍କର ଅବଦାନ ପାଇଁ ସେ ଚିର ସ୍ମରଣୀୟ ହୋଇ ରହିବେ ବୋଲି ପ୍ରକାଶ କହିଥିଲେ। ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ସଂଗଠନ ସମ୍ପାଦକ ସଞ୍ଜିତ ମହାନ୍ତି, ଡିଭିଜନ ସମ୍ପାଦକ କିଶୋର ପ୍ରଧାନ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଅନାଦି ସାହୁ, ଦେବଗଡ଼ ପୂର୍ବତନ ଡିଭିଜନ ସମ୍ପାଦକ ବିଶ୍ୱନାଥ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଥମ ଶିକ୍ଷୟିତ୍ରୀ ସାବିତ୍ରୀ ବାଈ ଫୁଲେଙ୍କ ଜୟନ୍ତୀ

ଜମନକିରା,୩।୧:(ରବୀନ୍ଦ୍ର ପ୍ରସାଦ ଦାନି)

ଜମନକିରା ବ୍ଲକ ମହଦାସ୍ଥିତ କଲ୍ୟାଣ ମଣ୍ଡପଠାରେ ଶିକ୍ଷକ ସୁରୁମଣି ସୁନାନୀଙ୍କ ପରିଚାଳନାରେ ଦେଶର ପ୍ରଥମ ଶିକ୍ଷୟିତ୍ରୀ, ସମାଜ ସଂସ୍କାରକ ଓ ବିଶିଷ୍ଟ ସାମାଜିକ କର୍ମୀ ସାବିତ୍ରୀ ବାଈ ଫୁଲେଙ୍କ ୧୬୯ତମ ଜୟନ୍ତୀ ପାଳିତ ହୋଇଯାଇଛି। ବୁଦ୍ଧ ସାମାଜିକ ପରିବର୍ତ୍ତନ ସମିତି ପକ୍ଷରୁ ଆୟୋଜିତ ଉତ୍ସବରେ ସମ୍ବଲପୁର ସର୍କଲର ଜଙ୍ଗଲ ବିଭାଗ ଏସିଏଫ୍ ଯଶୋବନ୍ତ କରଲି ମୁଖ୍ୟଅତିଥି, ଅବସରପ୍ରାପ୍ତ ଅଧକ୍ଷ ସୁବାସ ଚନ୍ଦ୍ର ନାୟକ ଓ ନାରୀନେତ୍ରୀ ସୁଷମା ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ସାବିତ୍ରୀଙ୍କ ସମାଜ ସଂସ୍କାର ଉପରେ ଆଲୋଚନା କରି ପ୍ରତ୍ୟେକ ଶିକ୍ଷାନୁଷ୍ଠାନର ତାଙ୍କ ଜୟନ୍ତୀ ପାଳନ ପାଇଁ ଶିକ୍ଷା ବିଭାଗକୁ ଆହ୍ୱାନ ଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କନ୍ଦର୍ପ ପ୍ରଧାନ ସ୍ୱାଗତ ଭାଷଣ, ସାମାଜିକ କର୍ମୀ ଭୋଳନାଥ ମହାନନ୍ଦ ଅତିଥି ପରିଚୟ ଓ ଶେଷରେ ଯୁବ ନେତା ଶ୍ରଦ୍ଧାକର ଜୟପୁରିଆ ଧନ୍ୟବାଦ ଦେଇଥିଲେ। ଶିଶୁ କଳାକାରମାନେ ସାବିତ୍ରୀଙ୍କ ସମାଜ ସଂସ୍କାର ଆଧାରିତ ଗୀତକୁ ନୃତ୍ୟ ମାଧ୍ୟମରେ ପରିବେଷଣ କରିଥିଲେ। ପ୍ରାରମ୍ଭରେ ଅତିଥିଗଣ ବୁଦ୍ଧ ଓ ସାବିତ୍ରୀ ବାଈ ଫୁଲେଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ସୁପ୍ରିୟା ମହାନନ୍ଦ, ବିଳାସିନୀ ସୁନାନି, ଦିଲୀପ ତାଣ୍ଡିଆ, ସୁଶିଲ ସୁନାନି, ସଚ୍ଚି ମହାନନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

# ଆଜିଠାରୁ ଲୋକ ସଂସ୍କୃତିର ମହାକୁମ୍ଭ: ସମ୍ବଲପୁର ଲୋକ ମହୋତ୍ସବ

ସମ୍ବଲପୁର,୩।୧ (ଭବାନୀ ଶଙ୍କର ଭୋଇ):

ଆଜିଠାରୁ ଆରମ୍ଭ ହେଉଛି ଲୋକକଳା, ଲୋକ ସଂସ୍କୃତିର ମହାକୁମ୍ଭ ସମ୍ବଲପୁର ଲୋକ ମହୋତ୍ସବ-୨୦୨୪। ଏଥିରେ ରାଜ୍ୟ ଓ ରାଜ୍ୟ ବାହାର କଳାକାର ସେମାନଙ୍କ ଅଞ୍ଚଳର ପାରମ୍ପରିକ ଲୋକକଳା ପ୍ରଦର୍ଶନ କରିବେ। ଅସନ୍ତା ୬ ତାରିଖ ପର୍ଯ୍ୟନ୍ତ ଅଇଁଠାପାଲି ପିଏଚ୍‌ଡି ପଡିଆଠାରେ ମହୋତ୍ସବ ଆୟୋଜନ କରାଯିବ।

୧୯୯୭ ମସିହାରୁ ଲୁପ୍ତପ୍ରାୟ ଲୋକ କଳା, ଲୋକ ନୃତ୍ୟ ଓ ଲୋକ ସଙ୍ଗୀତର ପ୍ରଚାର ପ୍ରସାର ପାଇଁ ଲୋକ ମହୋତ୍ସବ ସମ୍ବଲପୁର ଆରମ୍ଭ ହୋଇ ଦିଗଦର୍ଶନ ଦେଇଆସିଛି। ଏଥିରେ ଆଞ୍ଚଳିକଠାରୁ ଆରମ୍ଭ କରି ଆନ୍ତର୍ଜାତୀୟ ଲୋକ ଦଳ ସେମାନଙ୍କ କଳାନୈପୁଣ୍ୟ ପ୍ରଦର୍ଶନ କରିବେ। ଗୁରୁବାର ପୂର୍ବାହ୍ନ ୧୦ଟାରେ ବାଲିବନ୍ଧା ସୋମନାଥ ମନ୍ଦିର ନିକଟରୁ ମ୍ୟୁନିସିପାଲିଟି ଛକ ପର୍ଯ୍ୟନ୍ତ ସାଂସ୍କୃତିକ ଶୋଭାଯାତ୍ରା ହେବ। ଏଥିରେ ସଂକୀର୍ତ୍ତନ, ସମ୍ପ୍ରଦା, ଦୁଲଦୁଲି ବାଜା, ଶଙ୍ଖୁଆ, ଦଣ୍ଡ, କିଷାନ ଆଦି ଦଳ ସହ ବହୁ ଲୋକନୃତ୍ୟ ଦଳ ସାମିଲ ହେବେ। ପରେ ପିଏଚ୍‌ଡି ପଡିଆରେ ପ୍ରଦର୍ଶନୀ କଳାଗ୍ରାମ ଉଦ୍‌ଘାଟନ କରାଯିବ। ସନ୍ଧ୍ୟା ୫ଟାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ତଥା ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଅତିଥି ଭାବେ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ, ରାଜ୍ୟ ହସ୍ତତନ୍ତ, ବୟନକଳା ଓ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ ରୀତା ସାହୁ, ଜିଲା ପରିଷଦ ଅଧ୍ୟକ୍ଷ କୁମୁଦିନୀ ନାୟକ, ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଢ଼ାଖୋଲ ବିଧାୟକ ଇଂ. ରୋହିତ ପୂଜାରୀ, କୁଚିଣ୍ଡା ବିଧାୟକ କିଶୋର ନାଏକ, ରେଙ୍ଗାଲି ବିଧାୟକ ନାଉରୀ ନାଏକ ପ୍ରମୁଖଙ୍କୁ ନିମନ୍ତ୍ରଣ କରାଯାଇଛି। ପ୍ରଥମଦିନ ଲୋକଗୀତ କାର୍ଯ୍ୟକ୍ରମରେ ଦୁଇଜଣ ପ୍ରତିଷ୍ଠିତ ଗାୟକ ଓ ଗାୟିକା ପରିବେଷଣ କରିବେ। ଲୋକନୃତ୍ୟରେ ସମ୍ବଲପୁର ଟ୍ରାଇବାଲ ଆଣ୍ଡ ଫୋକ୍ ଆର୍ଟ ସେଣ୍ଟର, ଉତ୍ତରାଖଣ୍ଡ, ରାଜସ୍ଥାନ, ମଧ୍ୟପ୍ରଦେଶ, କୋରାପୁଟ, ଗୁଜରାଟ, ଭାରତୀ କଳା ବିକାଶ କେନ୍ଦ୍ର (ବୁର୍ଲା), ହରିଆଣା, ସୋନପୁର ଓ ପଞ୍ଜାବ ଦଳ ସହ ଥାଇଲାଣ୍ଡରୁ ଆସିଥିବା ଆନ୍ତର୍ଜାତୀୟ ଦଳ ପରିବେଷଣ କରିବେ। ଲୋକ ମହୋତ୍ସବର ଦ୍ୱିତୀୟ ଓ ତୃତୀୟ ଦିନ ଆଲୋଚନାଚକ୍ର ପୂର୍ବାହ୍ନ ୧୦ଟାରୁ ସାଢ଼େ ଗୋଟାଏ ପର୍ଯ୍ୟନ୍ତ ଆୟୋଜିତ ହେବ। ୫ ତାରିଖ 'ଲୋକଗୀତରେ ଲୋକ ସଂସ୍କୃତି' ଆଲୋଚନା ଏବଂ ଲୋକ ନୃତ୍ୟ ଓ ବାଦ୍ୟରେ ପାରମ୍ପରିକ 'ପାର୍' ପ୍ରଦର୍ଶନ, ୬ ତାରିଖ 'ସମ୍ବଲପୁରୀ ନାଟକରେ ପଶ୍ଚିମ ଓଡ଼ିଶା ପରମ୍ପରାର ଝଲକ' ଉପରେ ଆଲୋଚନା ହେବ। ଦ୍ୱିତୀୟ ଅଧିବେଶନରେ ସମ୍ବଲପୁରୀ କବିତା ପାଠୋତ୍ସବ ରହିଥିବା ନେଇ ଲୋକ ମହୋତ୍ସବର ସଂଯୋଜକ ଭୋଳାଶଙ୍କର ମହନ୍ତମ ସୂଚନା ଦେଇଛନ୍ତି।



